ଧରିତ୍ରୀ
DHARITRI
January 19-25, 2025 ₹ 2/-


ଛୁଟିଦିନ

# କନ୍ୟାରତ୍ନ

ସମୟ ବଦଳିଛି। ଝିଅ ଏବେ ନୁହେଁ କାହା ମୁଣ୍ଡର ବୋଝ। ବରଂ ତା’ କାନ୍ଧରେ ଅଛି ନିଜ ପରିବାର ସହ ରାଜ୍ୟ ଓ ଦେଶର ଭାର ବହନ କରିବାର ଶକ୍ତି। ମାଟିରୁ ମହାକାଶ ସବୁଠି ସେ ଛାଡିଛି ନିଜର ଛାପ। ଏଇ ଯେମିତି ଏଇ ଝିଅମାନେ ନାନା ବାଧାବିଘ୍ନ ସତ୍ତ୍ୱେ ଆଗକୁ ବଢିଛନ୍ତି ଓ ସଫଳ ହେଇଛନ୍ତି ...

ପ୍ରଚ୍ଛଦ ପ୍ରସଙ୍ଗ

୩



# ବେଡ୍‌ରୁମ୍‌ରେ କ'ଣ ରଖିବେ ନାହିଁ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଜାଣତରେ ହେଉ କି ଅଜାଣତରେ ଆମେ ବେଳେବେଳେ ଏମିତି କିଛି ଜିନିଷ ବେଡ୍‌ରୁମ୍‌ରେ ରଖି ଦେଇଥାଉ ; ଯାହା ପରବର୍ତ୍ତୀ ସମୟରେ ନକାରାତ୍ମକ ଊର୍ଜ୍ଜା ସୃଷ୍ଟି କରିବା ସହ ପତିପତ୍ନୀଙ୍କ ସମ୍ପର୍କରେ ସମସ୍ୟା ଉପୁଜାଇଥାଏ...



* ଘରକୁ ଆସ୍ଥେଟିକ୍ ଲୁକ୍ ଦେବା ପାଇଁ ଅନେକେ ଘରେ ଫଟୋ ଲଗାଇଥାନ୍ତି। କିନ୍ତୁ ଭୁଲ୍‌ରେ କେବେ ବି ଘରର କୌଣସି ରୁମ୍‌ରେ ଖାସ୍ କରି ବେଡ୍‌ରୁମ୍‌ରେ ଭଙ୍ଗା କିମ୍ବା ଚିରି ଯାଇଥିବା ଫଟୋ ଲଗାଇବେ ନାହିଁ। ଏହାଦ୍ୱାରା ପତିପତ୍ନୀଙ୍କ ଭିତରେ କଳହ ସୃଷ୍ଟି ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

* ଯୁଦ୍ଧ ସମ୍ପର୍କିତ କିମ୍ବା ମନଦୁଃଖର କୌଣସି ଫଟୋ ବି ବେଡ୍‌ରୁମ୍‌ରେ ଲଗାଇବା ଠିକ୍ ନୁହେଁ। ଏହା ବି ନକାରାତ୍ମକ ପ୍ରଭାବ ପକାଇଥାଏ।

* ବେଡ୍‌ରୁମ୍‌ରେ ଦର୍ପଣ ଲଗାଇବା ଠିକ୍ ନୁହେଁ। ଆଉ ଯଦି ରଖିବା ଜରୁରୀ ଥାଏ, ତା'ହେଲେ ଏହାକୁ କେବେ ବି ଖଟର ସାମ୍ନାରେ ଲଗାଇବେ ନାହିଁ। ନଚେତ୍ ପତିପତ୍ନୀଙ୍କ ଭିତରେ ବିବାଦ ସୃଷ୍ଟି ହୋଇପାରେ।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ବେଡ୍‌ରୁମ୍‌କୁ ଘରର ଉତ୍ତର କିମ୍ବା ଉତ୍ତର-ପଶ୍ଚିମ ଦିଗରେ ତିଆରି କଲେ ପତିପତ୍ନୀଙ୍କ ଭିତରେ କୁଆଡ଼େ ସମ୍ପର୍କ ମଜଭୁତ୍ ହୋଇଥାଏ।

* ବେଡ୍‌ରୁମ୍‌ରେ କେବେ ବି ବନ୍ଦ କିମ୍ବା ଖରାପ ହୋଇଯାଇଥିବା ଘଣ୍ଟା ଲଗାଇବା ଠିକ୍ ନୁହେଁ। କୁହାଯାଏ, ଏହି ଘଣ୍ଟାକୁ ଦେଖିଲେ ଦମ୍ପତିଙ୍କ ଭାଗ୍ୟ ଉନ୍ନତି ପରିବର୍ତ୍ତେ ଅବନତି ଆଡକୁ ଗତି କରିଥାଏ।

* ବେଡ୍‌ରୁମ୍‌ରେ କେବେ ବି ଶୁଖିଯାଇଥିବା କିମ୍ବା କଣ୍ଟା ଜାତୀୟ ଇଣ୍ଡୋର ପ୍ଲାଣ୍ଟ ରଖିବା ବି ଠିକ୍ ନୁହେଁ। ଏହା ସମ୍ପର୍କରେ ତିକ୍ତତା ଉପୁଜାଇଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁଆରୀ ୧୯-୨୫

### ମେଷ



ବନ୍ଧୁସହ ଭ୍ରମଣ ଇଚ୍ଛା, ନୂତନ ବନ୍ଧୁତ୍ୱରୁ ଆନନ୍ଦ, ଦୁର୍ବଳତା ଜନିତ ଅସୁସ୍ଥତା, କାର୍ଯ୍ୟହାନୀରୁ ଧୈର୍ଯ୍ୟଚ୍ୟୁତି, ସଂସ୍କୃତି ସମ୍ପନ୍ନ ହେବେ, ସାମାଜିକ ସମ୍ମାନ ମିଳିବ, ପାରିବାରିକ ଶାନ୍ତି, ବ୍ୟବସାୟିକ ବିବାଦ, ପରୋକ୍ଷ ଶତ୍ରୁତା ॥

### ବୃଷ



ପାରିବାରିକ ସୁଖସମୃଦ୍ଧି, ମିତ୍ରବନ୍ଧୁଙ୍କ ସାନ୍ନିଧ୍ୟ, ପଦସ୍ଥବ୍ୟକ୍ତିଙ୍କ ସହଯୋଗ, କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି, ପାରିବାରିକ ଶାନ୍ତି, ପରିବହନରେ ଝଗଡା, ନିର୍ମାଣରେ ଦ୍ୱନ୍ଦ୍ୱ, ପ୍ରିୟଜନଙ୍କ ଅପପ୍ରଚାର, ଶତ୍ରୁତାର ସମାଧାନ, ଆର୍ଥିକ ଅବନତି, ସାମ୍ବାଦିକତାରେ ଗୌରବ ॥

### ମିଥୁନ



ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି, ପ୍ରଗତିର ପ୍ରତିରୋଧ, ହିତୈଷୀଙ୍କ ଅସହଯୋଗ, ରାଜନୈତିକ ବିତର୍କ, ସାଂଗଠନିକ ଆଲୋଚନା, ନୂତନସ୍ଥାନ ପରିଭ୍ରମଣ, ସଭାସମିତିର ଆୟୋଜନ, କାର୍ଯ୍ୟସାଧନ କରିବେ ॥

### କର୍କଟ



କର୍ମଜଞ୍ଜାଳ ବୃଦ୍ଧି, ମାନସିକ ଅସ୍ଥିରତା, ପାରିବାରିକ ଶୃଙ୍ଖଳା, ମିଥ୍ୟାଭିଯୋଗ ଆସିପାରେ, ନୂତନ ଉଦ୍ୟୋଗାରମ୍ଭ, ସୁସମ୍ପର୍କ ବ୍ୟାହତ, ବ୍ୟବସାୟିକ ସଫଳତା, ଆତ୍ମୀୟଙ୍କ ପରଶ୍ରୀକାତରତା ॥

### ସିଂହ



ଶତ୍ରୁ ପ୍ରତିହତ ହେବେ, ଶାରୀରିକ ସୁସ୍ଥତା, ପାରିବାରିକ ଅସ୍ଥିରତା, ଯନ୍ତ୍ରଣା ପ୍ରଶମିତ ହେବ, ଶତ୍ରୁତାର ସମାଧାନ, ଋଣ ପରିଶୋଧ କରିବେ, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ଝଗଡା, ମକଦ୍ଦମାରେ ବିଜୟ, ବୈବାହିକ ସମସ୍ୟା ॥

### କନ୍ୟା



ସ୍ୱାସ୍ଥ୍ୟ ସମସ୍ୟା, କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ଅଗ୍ରଗତିର ପଥରୋଧ, ବ୍ୟୟ ସଂକୋଚ, ଉଚ୍ଚଶିକ୍ଷାରେ ସଫଳତା, ଆଇନ ସହାୟତା ପ୍ରାପ୍ତି, ଅଦାଲତରେ ବିଜୟୀ, ସାହିତ୍ୟ କୃତିରୁ ପ୍ରଶଂସା, ଗବେଷଣାରେ ପ୍ରତିବନ୍ଧକ, ବିଦେଶ ଯାତ୍ରାର ସୁଯୋଗ ॥

### ତୁଳା



ନୂତନ ବନ୍ଧୁ ସମ୍ପର୍କ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି, ନୀଚଜନଙ୍କ ସହ ବିବାଦ, ଅର୍ଥନୈତିକ ଅଭିବୃଦ୍ଧି, ପ୍ରତିବନ୍ଧକ ଦୂରହେବ, ମନୋରଞ୍ଜନର ମଉକା, ଯାନ୍ତ୍ରିକ ଜିନିଷ କ୍ରୟ, ରଚନାତ୍ମକ କାର୍ଯ୍ୟାରମ୍ଭ, ସଭାସମିତିକୁ ନିମନ୍ତ୍ରଣ ॥

### ବିଛା



ଶାରୀରିକ ସୁସ୍ଥତା, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି,ପରିସ୍ଥିତିର ତାଡନା, ବୈପ୍ଳବିକ ଚିନ୍ତାଧାରା, ଅସହିଷ୍ଣୁ ମନୋଭାବ, ବ୍ୟବହାରରେ ପରିବର୍ତ୍ତନ, ନୂତନ ପ୍ରକଳ୍ପାରମ୍ଭ, କଳ୍ପନା ସାକାର ହେବ, ପାରିବାରିକ ଦୁଃଶ୍ଚିନ୍ତା, ସମସ୍ୟାର ସମାଧାନ ॥

### ଧନୁ



ବନ୍ଧୁ ବିଚ୍ଛେଦରୁ ଅନୁତାପ, ବିରୋଧୀଙ୍କ ପ୍ରାବଲ୍ୟ, ଅନୈତିକ ଅନୁଚିନ୍ତା, ମାନସିକ ଅସ୍ଥିରତା, ଗୁରୁଜନଙ୍କ ପ୍ରେରଣା, ସନ୍ତାନ ହେତୁକ ଗୌରବ, କଳାସାହିତ୍ୟରେ ପ୍ରଶଂସା, ବ୍ୟବସାୟିକ ଉନ୍ନତି, ରାଜନୈତିକ ସମୀକ୍ଷା, ସମ୍ପର୍କର ମାଦକତା ॥

### ମକର



ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ସଂକଟ, ନୂତନଯୋଜନା, ରାଜନୈତିକ ସଭା, ପ୍ରତିବନ୍ଧକ ଦୂର ହେବ, ପରିବହନରେ ଉନ୍ନତି, ଦୂରଯାତ୍ରାର ଆୟୋଜନ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସନ୍ତାନଙ୍କ ପାଇଁ ଦୁଃଶ୍ଚିନ୍ତା, କଚେରୀ ମାମଲା, ପ୍ରଶାସନିକ ସମସ୍ୟା ॥

### କୁମ୍ଭ



କର୍ମଦକ୍ଷତାରୁ ପ୍ରଶଂସା, ଆର୍ଥିକ ଅଭିବୃଦ୍ଧି, ଅଶ୍ୱସ୍ତିକର ପରିସ୍ଥିତି, ପାରିବାରିକ ଦ୍ୱନ୍ଦ୍ୱ, ବିବାଦର ଫଇସଲା, ନୂତନ ଗୃହାରମ୍ଭ, ବନ୍ଧୁଙ୍କ ପ୍ରଶଂସା, ସରକାରୀ ସହାୟତା ପାଇବେ, ଅନୁସନ୍ଧାନରେ ସଫଳତା, ଧର୍ମକାର୍ଯ୍ୟରେ ସହଯୋଗ କରିବେ ॥

### ମୀନ



ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ,ସାମାଜିକ ସମ୍ମାନ, ରାଜନୈତିକ ପୃଷ୍ଠପୋଷକତା, କାର୍ଯ୍ୟ ସ୍ଥଗିତ ରହିବ, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି, ଗୁରୁଜନଙ୍କ ପରାମର୍ଶ, ସହକର୍ମୀଙ୍କ ସହଯୋଗ, ଆକସ୍ମିକ ଖର୍ଚ୍ଚଭାର ବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ, ଆନୁଷ୍ଠାନିକ ସମ୍ବର୍ଦ୍ଧନା ॥

# କିସ୍‌ମିସ୍‌ର ଔଷଧୀୟ ଗୁଣ



କିସ୍‌ମିସ୍ ଖାଇବା ଦ୍ୱାରା ବି ଶରୀରକୁ ଅନେକ ଉପକାର ମିଳିଥାଏ। ଯେମିତିକି: ଏହା ଆଖି ପାଇଁ ବହୁତ ଉପକାରୀ। କୁହାଯାଏ, ପ୍ରତିଦିନ ୭/୮ଟି କିସ୍‌ମିସ୍ ଖାଇବା ଦ୍ୱାରା ଆଖିର ଦୃଷ୍ଟି ଶକ୍ତି ବୃଦ୍ଧି ପାଇଥାଏ। ତା'ଛଡ଼ା ନିୟମିତ ଏହାକୁ ଖାଇଲେ ଶରୀରରେ ସୁଗାର୍ ଲେଭଲ୍ ମଧ୍ୟ ନିୟନ୍ତ୍ରଣରେ ରହିଥାଏ। ଓଜନ କମାଇବା, ହଜମ ଶକ୍ତି ବୃଦ୍ଧି କରିବାରେ ବି ଏହା ଖୁବ୍ ଉପକାରୀ ହୋଇଥାଏ। ତ୍ୱଚାରେ ଚମକ୍ ଆଣିବା ସହିତ ହାଡକୁ ମଜ୍‌ଭୁତ୍ କରିବାରେ ମଧ୍ୟ କିସ୍‌ମିସ୍‌ର ରହିଛି ଅନେକ ଭୂମିକା। ସେହିପରି ଶରୀରରେ ଆଇରନ୍‌ର ମାତ୍ରା କମିଗଲେ କିସ୍‌ମିସ୍ ଖାଇବା ଦ୍ୱାରା ବହୁତ ଫାଇଦା ମିଳିଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବା ସହ କିସ୍‌ମିସ୍ ଖାଇବା ଦ୍ୱାରା ଆମର ହୃଦ୍ ସ୍ପନ୍ଦନ ମଧ୍ୟ ଠିକ୍ ରହିଥାଏ। କିନ୍ତୁ ଧ୍ୟାନ ଦେବେ ଅଧିକ ମାତ୍ରାରେ ଖିସ୍‌ମିସ୍ ଖାଇବେ ନାହିଁ। ନଚେତ୍ ଏହା ଶରୀରକୁ ଫାଇଦା ଦେବା ପରିବର୍ତ୍ତେ ଶରୀର ପାଇଁ ସମସ୍ୟା ସୃଷ୍ଟି କରିଥାଏ।

# ପାଠକୀୟ

* ବେଳାଭୂମିର ଆକର୍ଷଣ ସବୁବେଳେ ପର୍ଯ୍ୟଟକଙ୍କୁ ମତୁଆଲା କରିଆସିଛି, ଯେଉଁଥିରୁ ବାଦ୍ ଯାଇନି ଓଡ଼ିଶାର ବେଳାଭୂମି। ତେବେ ଏଠାରେ ଥିବା ଚର୍ଚ୍ଚିତ ବେଳାଭୂମି ବ୍ୟତୀତ ଆହୁରି କେତେକ ବେଳାଭୂମି ରହିଛି, ଯାହା ମାନ୍ୟତା ପାଇ ନଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପ୍ରିୟ ହୋଇପାରିଛି। ତେଣୁ ଏଭଳି ଏକ ନିଆରା ବିଷୟବସ୍ତୁକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦୃଷ୍ଟି ଆଢୁଆଳରେ ଅପରୂପା ବେଳାଭୂମି' ଶୀର୍ଷକ ଆଲେଖ୍ୟଟି ବେଶ୍ ମନଛୁଆଁ ହୋଇଥିଲା।

**–ରୁନିତା ଦାଶ, ବଡ଼ଶଙ୍ଖ, ପୁରୀ**

* ଛୁଟିଦିନର ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗରେ ସ୍ଥାନିତ 'ଦୃଷ୍ଟି ଆଢୁଆଳରେ ଅପରୂପା ବେଳାଭୂମି' ଶୀର୍ଷକ ଆଲେଖ୍ୟଟି ବେଶ୍ ତଥ୍ୟପୂର୍ଣ୍ଣ ହେବା ସହ ମଜାଦାର୍ ଥିଲା। 'କରଜରୁ ମୁକ୍ତି ପାଇଁ', 'ଲାଫିଙ୍ଗ୍ ବୁଦ୍ଧଙ୍କ ମୂର୍ତ୍ତିକୁ କେଉଁଠି ରଖିବେ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ଉଲେନ୍ ସ୍କର୍ଟ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା।

**– ଧରଣୀ ବେହେରା, ରସୁଲଗଡ଼, ଭୁବନେଶ୍ୱର**

* ବ୍ୟକ୍ତିତ୍ୱ ପୃଷ୍ଠାରୁ ଗୋଟିପୁଅ ନୃତ୍ୟଗୁରୁ କୈଳାଶ ଚନ୍ଦ୍ର ବିଶ୍ୱାଳଙ୍କ ସଂଘର୍ଷପୂର୍ଣ୍ଣ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କାଣ୍ଟିଆ' ଶୀର୍ଷକ ଗପଟି ବି ମନଛୁଆଁ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ କ୍ୟାଟ୍ରିନା କୈଫ୍‌ଙ୍କ ଫଟୋଟି ଆକର୍ଷଣୀୟ ଲାଗୁଥିଲା। **– ପ୍ରିୟଙ୍କା ମିଶ୍ର, ମୟୂରଭଞ୍ଜ**

* କଥାକାର, ଶିକ୍ଷାବିତ୍ ତଥା ପ୍ରଶାସକ ଡ.ଯଶୋବନ୍ତ ସାମଲଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। ସାଥୀର ଉତ୍ତର ବି ରୋମାଣ୍ଟିକ୍ ଭରା ଲାଗୁଥିଲା। 'ଆନିମଲ୍ ଥିମ୍ ଇୟର ରିଂ' ଶୀର୍ଷକ ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ 'ସୋନା' ଖୁବ୍ ସୁନ୍ଦରୀ ଲାଗୁଥିଲେ। **– ସୁନିଲ ଛୋଟରାୟ, କେନ୍ଦ୍ରାପଡ଼ା**

* ସହରଠୁ ଦୂର ପୃଷ୍ଠାରୁ 'ପ୍ରାଚୀନ ତୀର୍ଥସ୍ଥଳୀ ଗଲତାଜୀ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'କେଶ ଝଡ଼େ ସିନା, ନିଶ ଦାଢ଼ି କାହିଁକି ଝଡ଼େନା' ପାଠରୁ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। ସେହିପରି ଏଥରର ବ୍ୟଙ୍ଗ 'ଏ ତ କଳିକାଳ ରୀତି ବିପରୀତ ଭାଇରେ' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। **– ମୀନତି ସାହୁ, ରାଣୀହାଟ, କଟକ**

* ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଟାଟୁ ପାଇଁ ମିଳୁନି ଚାକିରି', 'ଦାନ୍ତ ଘଷିବେ କି ଏହି ବ୍ରଶ୍‌ରେ', 'ଏତେ ଲମ୍ବା ବାଇକ୍' ଆଦି ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ଲାଗୁଥିଲା।

**– ରୁପଶ୍ରୀ ଷଡଙ୍ଗୀ, ଯାଜପୁର**

## ବିଶେଷ ଚିଠି



ଦୃଷ୍ଟି ଆଢୁଆଳରେ
ଅପରୂପା ବେଳାଭୂମି
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରୀ ବଢିଆ
ଦେଉଥିଲା ତଥ୍ୟ ନୂଆ ନୂଆ।
ତା'ସାଙ୍ଗକୁ ସାଥୀ, ସିନେମା
ପୁଣି ନିଆରା ଲାଗୁଥିଲା
ତୁମ ସହରଠୁ ଦୂରର ଦୁନିଆ।
ସତରେ ହେ ଛୁଟିଦିନ
ତୁମେ ସବୁଠୁ ସୁନ୍ଦର ସବୁଠୁ ପ୍ରିୟତମ।

**– ମୁକେଶ ବେହେରା, ଫୁଲବାଣୀ**

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା


ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# କନ୍ୟାରତ୍ନ

ଦିନେ ଝିଅ ଥିଲା ପଞ୍ଜୁରି ଭିତରେ ବନ୍ଦୀ ଏକ ପକ୍ଷୀ ଭଳି। ତାକୁ ଘର ଏରୁଣ୍ଡି ଡେଇଁବା ଥିଲା ମନା। ତା'ର ଜନ୍ମରେ କାହାର ଏତେ ଖୁସି ନ ଥିଲା। ତାକୁ ବୋଝ ବୋଲି ମଣା ଯାଉଥିଲା। ହେଲେ ଏବେ ସେ ନିଜ ଦମ୍‌ରେ ବଦଳାଇଛି ସମାଜର ତା' ପ୍ରତି ଥିବା ମନୋଭାବକୁ। ମାଟିଠୁ ଆରମ୍ଭ କରି ମହାକାଶ ପର୍ଯ୍ୟନ୍ତ ସବୁଠି ଛାଡ଼ିଛି ନିଜର ଛାପ। ଆଉ ପ୍ରମାଣ କରିଦେଇଛି ଯେ, ସେ ବୋଝ ନୁହେଁ। ବରଂ ତା' କାନ୍ଧରେ ଅଛି ଘର ପରିବାର ସହ ସାରା ଦେଶର ଭାର ବହନ କରିବାର ଶକ୍ତି । ଏଇ ଯେମିତି ଏହି ଝିଅମାନେ ନାନା ଅଭାବ ଅସୁବିଧା ସତ୍ତ୍ୱେ ନିଜର ବାଟ ନିଜେ ଖୋଜିଛନ୍ତି। ସଫଳ ହୋଇଛନ୍ତି। ଘର ପରିବାର ସହ ଦେଶର ନାଁ ରଖିଛନ୍ତି। ଆଉ ପ୍ରମାଣ କରିଦେଇଛନ୍ତି ସେମାନେ ଖାଲି ଝିଅ ନୁହନ୍ତି ବରଂ ଗୋଟେ ଗୋଟେ ରତ୍ନ....

**ହାତ ନ ଥାଇ ହେଲେ ତୀରନ୍ଦାଜୀର ରାଣୀ:** ୨୦୧୫ ମସିହାର କଥା। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଅନ୍ତର୍ଗତ ଯମୁନାବାହାଲ ଗାଁର ୮ବର୍ଷର କୁନି ଝିଅ ପାୟଲ, ମା' ଜନତା ଓ ପିତା ବିଜୟ ନାଗଙ୍କ ସହ ଛତିଶଗଡ଼ର ରାଜଧାନୀ ରାଏପୁରକୁ ଦାଦନ ଖଟିବାକୁ ଯାଇଥାଏ। ସବୁକିଛି ଠିକ୍ ଠାକ୍ ଚାଲିଥାଏ। ହେଲେ ଦିନେ ଘଟିଲା ଏକ ଅଘଟଣ। ସେଠାକାର ଏକ ନିର୍ମାଣାଧୀନ କୋଠା ଉପରେ ପାଣି ଦେଲାବେଳେ କୋଠା ଉପର ଦେଇ ଯାଇଥିବା ଉଚ୍ଚଶକ୍ତିସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଗଲେ ପାୟଲ। ଜଳିଗଲା ଦୁଇ ହାତଗୋଡ଼। ସେ ହୋଇଗଲେ ଭିନ୍ନକ୍ଷମ। ମା' ବାପା ଝିଅର ଭବିଷ୍ୟତକୁ ନେଇ ଦୁଃଖରେ ଭାଙ୍ଗିପଡ଼ିଲେ। ହେଲେ ସମୟକ୍ରମେ କୁନିଝିଅଟି ସଂଘର୍ଷ କରି ଜିଇବା ଶିଖିଗଲା। ନିଜ ପ୍ରତିଭାକୁ ନେଇ ଆଗକୁ ବଢ଼ିଲା। ସେଇ ଝିଅ ଏବେ ତୀରନ୍ଦାଜୀ କ୍ଷେତ୍ରରେ ରଚିଛି ଇତିହାସ। ପାଲଟିଛି ଦେଶର ଗର୍ବ ଓ ଗୌରବ। ନିକଟରେ ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ଷଷ୍ଠ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ମହିଳା କମ୍ପାଉଣ୍ଡ ଓପନ୍ (ଡବ୍ଲ୍ୟୁ-୧) ବର୍ଗରେ ସ୍ୱର୍ଣ୍ଣପଦକ ଜିତି ଚାମ୍ପିୟନ ହୋଇଥିବା ୧୭ ବର୍ଷୀୟା ପାୟଲ ନାଗ ହେଉଛନ୍ତି ସେଦିନର ସେଇ କୁନି ଝିଅ। ଦେଶର ଚର୍ଚ୍ଚିତ ପାରା ଅଲିମ୍ପିକ ଆଥ୍‌ଲେଟ ଶୀତଲ ଦେବୀ ତଥା ଯାହାଙ୍କୁ ସେ ନିଜ ଜୀବନର ଆଦର୍ଶ ଭାବେ ଗ୍ରହଣ କରିଥିଲେ ତାଙ୍କୁ ହରାଇ ପାୟଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆଉ ଜାତୀୟ ସ୍ତରରେ ପାରା ଆଥ୍‌ଲେଟ ଭାବେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିବା ପ୍ରଥମ ମହିଳା ପାଲଟିଛନ୍ତି।

ତାଙ୍କର ଏହି ସଫଳତା ପଛରେ ବଲାଙ୍ଗୀର ଜିଲା ପ୍ରଶାସନର ପ୍ରମୁଖ ଭୂମିକା ରହିଛି। ଯେବେ ପାୟଲ ସହ ଘଟିଥିବା ଏହି ଘଟଣା ଲୋକଲୋଚନକୁ ଆସିଥିଲା ଜିଲା ପ୍ରଶାସନ ପାୟଲକୁ ବଲାଙ୍ଗୀର ପାର୍ବତୀଗିରି ବାଲ୍ ନିକେତନକୁ ଆଣି ପାଠପଢ଼ା ସହ ରକ୍ଷଣାବେକ୍ଷଣର ଦାୟିତ୍ୱ ନେଇଥିଲେ। ସେଇ ବାଲ୍ ନିକେତନରେ ରହିବା ସମୟରେ ପାୟଲଙ୍କ ଭିତରେ ଅଦ୍ଭୁତ ପ୍ରତିଭା ଥିବା ଜଣାପଡିଥିଲା। ଚିତ୍ର ଓ ନାଚରେ ପାୟଲଙ୍କ ବିଚକ୍ଷଣ ପ୍ରତିଭା ଦେଖି ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ଖୁବ୍ ପ୍ରଶଂସା କରିଥିଲେ। ଏମିତିକି ପାୟଲ ତାଙ୍କ ପ୍ରେରଣା ବୋଲି ବି କହିଥିଲେ। ପରେ ତାଙ୍କୁ ସେ ତୀରନ୍ଦାଜୀ ପ୍ରଶିକ୍ଷଣ ପାଇଁ ଜମ୍ମୁ-କଶ୍ମୀରର କଟ୍ରାସ୍ଥିତ ତୀରନ୍ଦାଜୀ ପ୍ରଶିକ୍ଷଣ କେନ୍ଦ୍ରକୁ ପଠାଇବା ବ୍ୟବସ୍ଥା କରିଥିଲେ। ସେ ସେଠାରେ କୋଚ୍ କୁଲ୍‌ଦୀପ ବେଦୱାନ୍‌ଙ୍କ ତତ୍ତ୍ୱାବଧାନରେ ପ୍ରାୟ ଦୁଇବର୍ଷ ହେବ ତୀରନ୍ଦାଜୀ ପ୍ରଶିକ୍ଷଣ ନେଲେ। କିଛିଦିନ ତଳେ ସେ ଜାତୀୟ ପାରା ତୀରନ୍ଦାଜୀ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆଉ ବିଜୟିନୀ ହୋଇ ଫେରିଲେ। ତାଙ୍କର ଏହି ସଫଳତା ପାଇଁ ବଲାଙ୍ଗୀର ପାର୍ବତୀଗିରି ବାଲ୍ ନିକେତନର ସମ୍ପାଦିକା ସଂସ୍କୃତି ପଟ୍ଟନାୟକ ଓ ପୂର୍ବତନ ଜିଲାପାଳ ଚଞ୍ଚଳ ରାଣା ତାଙ୍କୁ ବଲାଙ୍ଗୀର ଓ ସାରା ଓଡ଼ିଶାର ଗର୍ବ ବୋଲି କହିଛନ୍ତି।



> ସମୟ ବଦଳିଛି। ଝିଅ ଏବେ ନୁହେଁ କାହା ମୁଣ୍ଡର ବୋଝ। ବରଂ ତା' କାନ୍ଧରେ ଅଛି ନିଜ ପରିବାର ସହ ରାଜ୍ୟ ଓ ଦେଶର ଭାର ବହନ କରିବାର ଶକ୍ତି। ମାଟିରୁ ମହାକାଶ ସବୁଠି ସେ ଛାଡିଛି ନିଜର ଛାପ। ଏଇ ଯେମିତି ଏଇ ଝିଅମାନେ ନାନା ବାଧାବିଘ୍ନ ସତ୍ତ୍ୱେ ଆଗକୁ ବଢିଛନ୍ତି ଓ ସଫଳ ହେଇଛନ୍ତି ...

**ମୂକ ବଧିର ଝିଅ ଏବେ ଜାତୀୟ ସ୍ତରର ଜୁଡ଼ୋ ଖେଳାଳି:** ୧୭ ବର୍ଷୀୟା ଝିଅ ଲକ୍ଷ୍ମୀ ସିଂ। ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳର ୧୨ ନଂ. ୱାର୍ଡ, ମୁଣ୍ଡାପଡା ବସ୍ତିର ସାବିତ୍ରୀ ଓ ଶ୍ୟାମସୁନ୍ଦର ସିଂଙ୍କର ସେ ବଡ଼ ଝିଅ। ଜନ୍ମରୁ ମୂକ ଓ ବଧିର। ୩ ଭଉଣୀ, ଗୋଟିଏ ଭାଇ ଭିତରେ ସେ ବଡ଼। ମା' ବାପା ଦିନ ମଜୁରିଆ। ଯାହା ଯେତିକି ରୋଜଗାର ହୁଏ କଷ୍ଟେମଷ୍ଟେ ପରିବାର ଚଳେ। ଓଳିଏ ଖାଇଲେ ଦି ଓଳି ଓପାସ ରହିବାକୁ ହୁଏ। ଘର କହିଲେ ନୁଆଁଣିଆ ପଲିଥିନ ଘର। ସେ ଘରେ ପୁଣି ବିଦ୍ୟୁତ୍, ପାଣି ଭଳି ମୌଳିକ ସୁବିଧା ନାହିଁ। ଏତେ ସଂଘର୍ଷ ଓ ଶାରୀରିକ ଅକ୍ଷମତା ସତ୍ତ୍ୱେ ଲକ୍ଷ୍ମୀଙ୍କର ଆଶା କିନ୍ତୁ ଥିଲା ସେ ଆଗକୁ ବଢିବେ। ବହୁତ ନାଁ କରିବେ। ସେଥିପାଇଁ ପାରାଦୀପ ବନ୍ଦର ଦ୍ୱାରା ପରିଚାଳିତ ମୂକ ବଧିର ସ୍କୁଲରେ ସେ ପାଠ ପଢିବା ଆରମ୍ଭ କଲେ। ପଢିବା, ଖାଇବା ଆଦିର ଖର୍ଚ୍ଚ ପାରାଦୀପ ବନ୍ଦର ପକ୍ଷରୁ ମିଳିଲା। ତେବେ ଖାଲି ପାଠପଢା ନୁହେଁ ଲକ୍ଷ୍ମୀଙ୍କ ଭିତରେ ଖେଳ ପାଇଁ ଥିଲା ପ୍ରବଳ ଆଗ୍ରହ। ଆଉ ଭାଗ୍ୟ ବି ତାଙ୍କୁ ସାଥ୍ ଦେଲା। ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ କୋଚ୍ ଲୋପାମୁଦ୍ରା ପତିଙ୍କ ପାଖରେ ଜୁଡୋ ପ୍ରଶିକ୍ଷଣ ନେବାର ସେ ସୁଯୋଗ ପାଇଲେ। ଆବଶ୍ୟକ ଖେଳ ଉପକରଣ ଓ ପୋଷାକ ବି ପାରାଦୀପ ବନ୍ଦର ତରଫରୁ ଯୋଗାଇ ଦିଆଗଲା। ଲକ୍ଷ୍ମୀଙ୍କ ବାପା ଶ୍ୟାମସୁନ୍ଦର କୁହନ୍ତି, 'ଲକ୍ଷ୍ମୀ ଜନ୍ମରୁ ମୂକ ଓ ବଧିର। ଆମେ ଦିନ ମଜୁରିଆଭାବେ କାମ କରୁ। ଆର୍ଥିକସ୍ଥିତି ସ୍ୱଚ୍ଛଳ ନ ଥିଲେ ହେଁ ତାକୁ ଆମେ ଅନେକ ଡାକ୍ତରଖାନା ନେଇ ଦେଖାଇଥିଲୁ। ଡାକ୍ତର କିନ୍ତୁ କହିଲେ ଭଲ ହେବାର ଆଶା ନାହିଁ। ଭାଗ୍ୟକୁ ଆଦରି ଚିକିତ୍ସା ବନ୍ଦ କଲୁ। ପରେ ଆଉ ଦୁଇ ଝିଅ ଓ ଗୋଟିଏ ପୁଅ ହେଲା। ସେମାନେ କିନ୍ତୁ ସୁସ୍ଥ ଜନ୍ମ ହୋଇଛନ୍ତି। ସେଥିପାଇଁ ମନରେ ସବୁବେଳେ ଲକ୍ଷ୍ମୀ ପାଇଁ ଦୁଃଖ ରହୁଥିଲା। ତା'ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗିରହୁଥିଲା। ଲକ୍ଷ୍ମୀ କିନ୍ତୁ ଥିଲା ଖୁବ୍ ଦୃଢ଼ମନା। ସେ ପାଠ ପଢିବା ସହ ଖେଳ ଦିଗରେ ଆଗେଇଲା। ଜୁଡୋରେ ତାଲିମ ନେଲା। ଏବେ ଜୁଡୋରେ ଲକ୍ଷ୍ମୀ ଅନେକ ସଫଳତା ହାସଲ କରିଛି। ଆସନ୍ତା ଫେବୃଆରୀରେ ଜମ୍ମୁଠାରେ ଆୟୋଜିତ ଜାତୀୟ ଜୁଡୋ ଖେଳ ପାଇଁ ରାଜ୍ୟର ପ୍ରଥମ ଓଡ଼ିଆ ମୂକ ବଧିର ଖେଳାଳି ଭାବେ ଚୟନ ହୋଇଛି। ପୂର୍ବରୁ ସେ ଚଣ୍ଡିଗଡଠାରେ ଆୟୋଜିତ ଜାତୀୟ ଖେଳରେ ବି ସାମିଲ ହୋଇଥିଲା।' କୋଚ ଲୋପାମୁଦ୍ରା କୁହନ୍ତି, 'ଲକ୍ଷ୍ମୀ ପାରାଦୀପ ବନ୍ଦର ଦ୍ୱାରା ପରିଚାଳିତ ମୂକ ବଧିର ସ୍କୁଲ 'ଜାଗୃତି'ରେ ଦଶମ ଶ୍ରେଣୀରେ ପଢୁଛନ୍ତି। ମୂକ ବଧିର ହୋଇଥିଲେ ହେଁ ତା'ର ଖେଳିବାର ନିଶା ଥିଲା। ଏଥିପାଇଁ ପାରାଦୀପ ବନ୍ଦର ପକ୍ଷରୁ ତାଙ୍କୁ ପ୍ରଶିକ୍ଷଣ ଦେବାପାଇଁ ପ୍ରସ୍ତାବ ଆସିଥିଲା। ଯାହାକୁ ଗ୍ରହଣ କରି ତାଙ୍କୁ ମୁଁ ପ୍ରଶିକ୍ଷଣ ଦେଉଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ସେ ୧୭ ବର୍ଷରୁ କମ୍ ବିଭାଗରେ ସାମିଲ ହୋଇ ଅନେକ ସଫଳତା ହାସଲ କରିପାରିଛନ୍ତି। ଏପରିକି ଓଡ଼ିଶାର ପ୍ରଥମ ମୂକ ବଧିର ଜୁଡୋ



କୋଚ୍‌ଙ୍କ ସହ ଲକ୍ଷ୍ମୀ ସିଂ



ଜାନବୀ ବାଳା ପାତ୍ର

ଖେଳାଳି ଭାବେ ଜାତୀୟ ସ୍ତରରେ ଖେଳିଛନ୍ତି। ତାଙ୍କୁ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗତ ଡିସେମ୍ବରରେ ସାକ୍ଷାତ୍ କରି ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।’

ଇତି ମଧ୍ୟରେ ଲକ୍ଷ୍ମୀ ଅନେକ ସଫଳତା ପାଇଥିଲେ ହେଁ ତାଙ୍କର ଆର୍ଥିକସ୍ଥିତିରେ କିନ୍ତୁ କୌଣସି ପରିବର୍ତ୍ତନ ଆସିନି। ଏବେ ବି ସେ ଓ ତାଙ୍କ ପରିବାର ଦି ଓଳି ପେଟପୂରା ଖାଇବାକୁ ପାଉନାହାନ୍ତି। ଜୁଡୋ ଖେଳରେ ଶାରୀରିକ ବ୍ୟାୟାମ ଅଧିକ ଆବଶ୍ୟକ ପଡିଥାଏ। ସେଥିପାଇଁ ପ୍ରତ୍ୟେକ ଖେଳାଳି ପୁଷ୍ଟିକର ଖାଦ୍ୟ ଖାଇବା ଜରୁରୀ। ହେଲେ ଅନେକ ସମୟରେ ଲକ୍ଷ୍ମୀ ଭୋକିଲା ପେଟରେ ଅଭ୍ୟାସ କରନ୍ତି। କୋଚ ଲୋପାମୁଦ୍ରା କୁହନ୍ତି, ‘ଭୋକିଲା ପେଟରେ ଅଭ୍ୟାସ କଲାବେଳେ ତା’ର ମୁହଁ ଶୁଖିଲା ଦେଖାଯାଏ। ବେଳେବେଳେ ଆମେ ତାକୁ ଖାଇବାକୁ ଦେଇଥାଉ। ସେଇ ଖାଦ୍ୟ ପ୍ୟାକେଟରୁ ପୁଣି ସେ କିଛି ବଳକା କରି ଘରେ ଥିବା ସାନ ଭଉଣୀ ଭାଇଙ୍କୁ ଦେଇଥାଏ। ଯାହାକି ତାଙ୍କର ନିଜ ପରିବାର ପ୍ରତି ଭଲ ପାଇବାକୁ ଦେଖାଇଥାଏ।



ପାୟଲ ନାଗ

ଏହା ମଧ୍ୟରେ ପାରାଦୀପ ବନ୍ଦର ଓ ରାଜ୍ୟ ସରକାର ୩୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେଇଥିଲେ। ହେଲେ ସେହି ଅର୍ଥ ତାଙ୍କ ମା’ ବାପା ଘର କାମରେ ଲଗାଇ ଦେଇଥିଲେ। ଏବେ ତାଙ୍କୁ ଆମ ଜୁଡୋ ଆସୋସିଏଶନ ସଭାପତି ଅରିନ୍ଦମ ସର୍ଖେଲ ଅନେକ ସହାୟତା ଯୋଗାଇ ଦେଇଛନ୍ତି। ଯାତାୟାତ ଖର୍ଚ୍ଚ, ପୋଷାକ ଆଦି ଯୋଗାଇ ଦେଇଛନ୍ତି। ଆଗକୁ ସେ ଏସିଆନ ଗେମ୍ସ ଓ କମନୱେଲ୍‌ଥ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି।’

**ଦିନେ ଥିଲେ ଛେଳିଚରାଳି, ଏବେ ମହିଳା ଶିଶୁଙ୍କ ଉନ୍ନତି ପାଇଁ କରୁଛନ୍ତି କାମ:** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ଗ୍ରାମର ମା’ ବାପା ଛେଉଣ୍ଡ ଝିଅ ଗୁଆଦେଇ ଭୋଇ। ଦିନେ ଏହି ଆଦିବାସୀ ଝିଅଟି ଶିଶୁ ଶ୍ରମିକ ଭାବରେ ବିଭିନ୍ନ ସ୍ଥାନରେ କାମ କରୁଥିଲା। ତା’ସହ ଛେଳି ବି ଚରାଉଥିଲା। ହେଲେ ଆଖିରେ ତାଙ୍କର ଥିଲା ଅନେକ ସ୍ୱପ୍ନ। ପାଠ ପଢି ବଡ଼ ମଣିଷ ହେବେ। ନିଜ ଅଞ୍ଚଳର ଉନ୍ନତି ପାଇଁ କାମ କରିବେ। ସେଥିପାଇଁ ସ୍କୁଲ ପିଲାଙ୍କୁ ଦେଖିବା ମାତ୍ରେ ତାଙ୍କର ପାଠ ପଢିବାର ଇଚ୍ଛା ବଢି ଯାଉଥିଲା। ହେଲେ ଆର୍ଥିକ ଅବସ୍ଥା ଖରାପ ଥିବାରୁ ଘର ଲୋକ ଚାହୁଁ ନ ଥିଲେ ସେ ପଢନ୍ତୁ ବୋଲି। ଏମିତିରେ ଭଗବାନ ତାଙ୍କୁ ସାହା ହେଲେ। ୨୦୦୦ ମସିହାରେ ଦେଦରଠାରେ ଥିବା ‘କର୍ତ୍ତବ୍ୟ’ ଅନୁଷ୍ଠାନର ଶିଶୁ ଶ୍ରମିକ ବିଦ୍ୟାଳୟରେ ନାମ ଲେଖାଇବାର ସୁଯୋଗ ପାଇଲେ। ସେଠାରେ ପଞ୍ଚମ ଶ୍ରେଣୀ ପ୍ରର୍ଯ୍ୟନ୍ତ  ଶିକ୍ଷା ଲାଭ କରି ଜୁନାଗଡ କନ୍ୟାଶ୍ରମରେ ନାମ ଲେଖାଇଲେ। ସେଠାରୁ ମାଟ୍ରିକ ପାସ କରି ଜୁନାଗଡ ଚମେଲି ଦେବୀ ମହିଳା କଲେଜରେ ଯୁକ୍ତ ୨ ପଢିଲେ। ପରେ କୋରାପୁଟ ଜିଲା କୋଟପାଡ଼ ମା’ ସନ୍ତୋଷୀ ସଂସ୍କୃତ କଲେଜରେ ଯୁକ୍ତ ୩ ପଢିଲେ। ଏହାପରେ ଗାଁକୁ ଚାଲିଆସି ଯେଉଁଠି ସେ ପ୍ରଥମେ ପଢୁଥିଲେ ସେହି  ଶିଶୁ ଶ୍ରମିକ ବିଦ୍ୟାଳୟରେ ପାଠ ପଢ଼ାଇଲେ। ତାଙ୍କର ଅନେକ ଛାତ୍ରୀଛାତ୍ର ଏବେ ନବୋଦୟ ପାଇବା ସହ ଉଚ୍ଚ ଶିକ୍ଷିତ ହୋଇଛନ୍ତି। ଏପରିକି ଏଇ କିଛି ଦିନ ତଳେ ତାଙ୍କର ୨ ଜଣେ ଛାତ୍ରୀଛାତ୍ର ଜିଆର୍‌ଏସ୍ (ଗ୍ରାମ ରୋଜଗାର ସେବକ) ଚାକିରି ମଧ୍ୟ ପାଇଛନ୍ତି। ନିଜ ଅଞ୍ଚଳ ପାଇଁ କିଛି କରିବାର ଯେଉଁ ସ୍ୱପ୍ନ ତାଙ୍କର ଥିଲା ତାକୁ ସାକାର କରିବା ଲାଗି ଏବେ ସେ ଦେଦରଠାରୁ ୨୨ କିଲୋମିଟର ଦୂରରେ ଥିବା ବିଭିନ୍ନ ଗାଁର ଗରିବ ଲୋକଙ୍କୁ ଚିକିତ୍ସା ନିମନ୍ତେ ସହଯୋଗ କରୁଛନ୍ତି। ଝିଅମାନଙ୍କୁ ଶିକ୍ଷିତ କରିବା ସହ ମହିଳାମାନେ କିଭଳି ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ସେନେଇ ସହାୟତା କରୁଛନ୍ତି। ନିଜ ଅଞ୍ଚଳରେ ସେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚିଲଡ୍ରେନ କ୍ଲବ ଗଠନ କରି ସରକାରୀ ଅଧିକାରୀଙ୍କ ସହିତ ସମନ୍ୱୟ ରଖି ଲୋକଙ୍କ ସେବାରେ ନିୟୋଜିତ ଅଛନ୍ତି। ଚିଲ୍‌ଡ୍ରେନ କ୍ଲବରେ ୭୦ ଜଣ ଛାତ୍ରୀଛାତ୍ର ସମେତ ଅନେକ ସଦସ୍ୟ ଅଛନ୍ତି। ସେଠାରେ ସେମାନଙ୍କୁ ଖେଳକୁଦ ଉପରେ ତାଲିମ ଦିଆଯିବା ସହ ଶିକ୍ଷା ଉପରେ ସଚେତନତା ସୃଷ୍ଟି କରାଯାଉଛି । ବର୍ତ୍ତମାନ ‘କର୍ତ୍ତବ୍ୟ’ ଅନୁଷ୍ଠାନରେ ସେ କୃଷିର ଏକ୍ସଟେନ୍ସନ ୱାର୍କର  ଭାବେ କାର୍ଯ୍ୟରତ । ସ୍ଥାନୀୟ ଆଦିବାସୀ ଅଧ୍ୟୁଷିତ ଦେଦର ଓ ଦୁନ୍ଦେଲମାଲ ପଞ୍ଚାୟତର ଚାଷୀଙ୍କୁ ସରକାରୀ ଯୋଜନା, ସରକାରୀ ସହାୟତା ସମ୍ପର୍କରେ ଅବଗତ କରାଇବା ସହ ରୋଗ ପୋକ ନିରାକରଣ ଉପରେ ବି ସଚେତନ କରୁଛନ୍ତି। ସେହିପରି ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ, ଛେଳି ଚାଷ ଆଦି ଶିଖାଇ ସ୍ୱାବଲମ୍ବୀ କରୁଛନ୍ତି। ତା’ସହ ନିଜ ଅଞ୍ଚଳରେ ମଦ ବନ୍ଦ ଅଭିଯାନ କରୁଛନ୍ତି ଓ ଶିଶୁମାନେ କିଭଳି ନିୟମିତ ସ୍କୁଲ ଯିବେ ସେନେଇ କାମ କରୁଛନ୍ତି।

**ପରିବାରର ମେରୁଦଣ୍ଡ ପାଲଟିଛନ୍ତି ଜାନବୀ:** କେନ୍ଦୁଝର ସହର ଡାଙ୍ଗରପଡା ସାହିରେ ରୁହନ୍ତି ଜାନବୀ ବାଳା ପାତ୍ର। ବାପା ହୃଷୀକେଶ ପାତ୍ର ଓ ମା’ ମଞ୍ଜୁଲତା । ଚାରି ଭଉଣୀରେ ତାଙ୍କର ଗୋଟିଏ ଭାଇ। ଉପରେ ଦୁଇ ଭଉଣୀ, ତଳେ ଜଣେ ଭଉଣୀ ଏବଂ ସାନ ଭାଇ। ସେ ହେଉଛନ୍ତି ମଝିଆ। ସୁଖେଦୁଃଖେ ସଂସାର ଚାଲିଥାଏ। ତେବେ ଥରେ ଏକ ଦୁର୍ଘଟଣା ପରେ ଜାନବୀଙ୍କ ବାପା ହୃଷୀକେଶ କାମ କରିବାକୁ ଆଉ ସକ୍ଷମ ହେଲେନି। ଘରେ ବସି ରହିବାକୁ ବାଧ୍ୟ ହେଲେ। ଘରେ ଅଭାବ ବଢିଲା। ପ୍ରଥମେ ବଡ ଭଉଣୀ ଜ୍ୟୋତ୍ସ୍ନାମୟୀ ଏକ ବାଇକ ଶୋ’ ରୁମ୍‌ରେ କାମ କରି ସ୍ୱଳ୍ପ ଦରମାରେ ଘର ଚଳାଇଲେ। ତଳ ଭଉଣୀ ଦୀପ୍ତିମୟୀ ଘରୋଇ ଟ୍ୟୁଶନ କରିବା ଆରମ୍ଭ କଲେ। ତଥାପି ଘରର ଅଭାବ ମେଣ୍ଟିଲା ନାହିଁ। ଜାନବୀ ଧରଣୀଧର ମହାବିଦ୍ୟାଳୟରେ ପିଜି କରୁଥିଲେ। ଅଭାବ ଯୋଗୁ ପଢା ଅଧାରୁ ଛାଡିବାକୁ ବାଧ୍ୟ ହେଲେ। ଏମିତିରେ ସେ ନିଷ୍ପତ୍ତି ନେଲେ ଚାକିରି କରିବେ। ମା’ ବି ତାଙ୍କୁ ଏଥିପାଇଁ ପ୍ରେରଣା ଦେଲେ। ତାଙ୍କର ଇଚ୍ଛା ଥିଲା ଝିଅ ପୋଲିସ ଚାକିରି କରୁ। ତେଣୁ କହିଲେ ଷ୍ଟାଡିୟମ ଯାଇ ଖେଳକୁଦ ଅଭ୍ୟାସ କର। ଜାନବୀ ମା’ଙ୍କ ଇଚ୍ଛା ପୂରଣ କରିବା ଲାଗି ଆପ୍ରାଣ ଚେଷ୍ଟା କରିବାକୁ ଲାଗିଲେ। ସେତେବେଳେ ପେଟପୂରା ଖାଇବାକୁ ମିଳୁ ନ ଥିଲା। ତଥାପି ଖୁବ୍ ଶାରୀରିକ ପରିଶ୍ରମ କରୁଥିଲେ। ଆଉ ୨୦୧୫ ମସିହାରେ ପୋଲିସ ଚାକିରି ପାଇଁ ଆବେଦନ କଲେ। ହେଲେ ସେ ବିଫଳ ହେଲେ। ତାଙ୍କ ସହିତ ଆବେଦନ କରିଥିବା ଅନ୍ୟ ସାଙ୍ଗ କିନ୍ତୁ ଚାକିରି ପାଇଗଲେ। ତାଙ୍କୁ ବହୁତ କଷ୍ଟ ଲାଗିଲା। ବଡ଼ ଭଉଣୀର ବାହାଘର, ସାନ ଭାଇ ଭଉଣୀଙ୍କ ପାଠପଢା କେମିତି ହେବ, ଘର କେମିତି ଚଳିବ ଭାବି ଭାବି ବହୁତ କାନ୍ଦିଲେ। ୨୦୧୬ ମସିହାରେ ସେ ଶିରୋପାଣି ମହାନ୍ତ, ଯେକି ଜଣେ କ୍ରୀଡା ପ୍ରଶିକ୍ଷକ ତଥା ପୋଲିସ କର୍ମଚାରୀ ତାଙ୍କ ପଥପ୍ରଦର୍ଶନରେ ବ୍ୟାୟାମ ଓ ଖେଳକୁଦ ପୁଣିଥରେ ନୂଆଭାବେ ଆରମ୍ଭ କଲେ। ଭୋକିଲା ପେଟରେ କଠିନ ପରିଶ୍ରମ କଲେ। ପ୍ରଥମେ ସେ ଖେଳକୁଦରେ ଅନେକ ପୁରସ୍କାର ଓ ମାନପତ୍ର ପାଇଲେ। ୨୦୧୮ ମସିହାରେ ପୁଣିଥରେ ପୋଲିସ ଚାକିରି ପାଇଁ ଆବେଦନ କଲେ। ଏଥର କିନ୍ତୁ ସେ ସଫଳ ହେଲେ। ପ୍ରଥମେ କଣ୍ଟ୍ରାକ୍‌ଚୁଆଲରେ କନଷ୍ଟେବଲ ହେଲେ। ସେଇ ସ୍ୱଳ୍ପ ଦରମାରେ ବଡ଼ ଭଉଣୀଙ୍କ ବାହାଘର କରାଇଲେ। ସାନ ଭାଇ ଭଉଣୀଙ୍କ ପଢା ଖର୍ଚ୍ଚ ବହନ କରୁଛନ୍ତି। ସାନ ଭଉଣୀ ନିରୁପମା ବି.ଟେକ୍ କରୁଥିବାବେଳେ ସାନଭାଇ ପୂର୍ଣ୍ଣଚନ୍ଦ୍ର ରେଭେନ୍ସାରେ (ପଦାର୍ଥ ବିଜ୍ଞାନ)ପଢୁଛନ୍ତି। ଘର ବି ଚଳାଉଛନ୍ତି। ୨୦୨୨ ମସିହାରେ ଚାକିରି ନିୟମିତ ହେବା ପରେ ଏବେ ସେ ଭଲ ଦରମା ପାଉଛନ୍ତି। ତେଲକୋଇ ଥାନାରେ କନଷ୍ଟେବଲଭାବେ କାର୍ଯ୍ୟରତ ଅଛନ୍ତି। ଘରର ଅଭାବ ଏବେ ଅନେକାଂଶରେ ଦୂର ହୋଇଛି।



ଗୁଆଦେଇ ଭୋଇ

ଯଦି ମନରେ ଅଛି ଦୃଢ଼ ବିଶ୍ୱାସ, ତେବେ କୌଣସି ଅଭାବ ଅସୁବିଧା ଓ ଶାରୀରିକ ଅକ୍ଷମତା ଯେ ସଫଳତା ପଥରେ ଅନ୍ତରାୟ ସୃଷ୍ଟି କରିପାରିବନି ତାହା ପ୍ରମାଣ କରି ଦେଖେଇଛନ୍ତି ଏହି ଝିଅମାନେ। ପୁଅଟିଏ ଭଳି ଘରର ଦାୟିତ୍ୱ ବହନ କରିଛନ୍ତି। ନିଜ ରାଜ୍ୟ ଓ ଦେଶର ଟେକ ବି ରଖିଛନ୍ତି। ଆଉ ପ୍ରମାଣ କରିଦେଇଛନ୍ତି ସେମାନେ ଝିଅ ନୁହନ୍ତି ବରଂ ଗୋଟେ ଗୋଟେ ରତ୍ନ।

**–ଶିବାନୀ ମହାନ୍ତି**

**ବୀରେନ୍ଦ୍ର କୁମାର ଝାଙ୍କର, ଶରତ କୁମାର ରାଉତ, ଉତ୍ତମ କୁମାର ଦାଶ, ନରେଶ ଚନ୍ଦ୍ର ପଟ୍ଟନାୟକ**



## ଆକର୍ଷଣୀୟ

# ମୋହରି ଡିଜାଇନ୍ ପ୍ୟାଣ୍ଟ



**ପ୍ୟାଣ୍ଟର ତଳ ଭାଗରେ ଯେଉଁ ମୋହରି ଥାଏ, ତା'ର ଡିଜାଇନ୍‌ରେ ବି ଟିକେ ଭିନ୍ନତା ଆଣି ସାଧାରଣ ଡ୍ରେସ୍‌କୁ ଆକର୍ଷଣୀୟ ଲୁକ୍ ଦେଇହୁଏ। ଆଉ ଏହି ଡିଜାଇନ୍ ମଧ୍ୟ ଟିକେ ଆଖିଦୃଶିଆ ହେବା ଜରୁରୀ; ଯଦ୍ବାରା ଝିଅମାନଙ୍କୁ ୟୁନିକ୍ ଲୁକ୍ ମିଳିବା ସଙ୍ଗେସଙ୍ଗେ ସେମାନଙ୍କର ଫ୍ୟାଶନ ସେନ୍ସକୁ ବି ଏହା ହାଇଲାଇଟ୍ କରିବ। ଜାଣନ୍ତୁ ସେମିତି କିଛି ଲାଟେଷ୍ଟ ପ୍ୟାଣ୍ଟର ମୋହରି ଡିଜାଇନ୍ ସମ୍ପର୍କରେ...**






ଅଧିକାଂଶ ଝିଅମାନଙ୍କର କୁର୍ତ୍ତି ଓ ପ୍ୟାଣ୍ଟର କମ୍ବିନେଶନ ଖୁବ୍ ପସନ୍ଦ ହୋଇଥାଏ। କାରଣ ଏହି ଆଉଟ୍‌ଫିଟ୍ କମ୍ଫର୍ଟେବଲ୍ ଲାଗିବା ସଙ୍ଗେ ସଙ୍ଗେ ଏହାକୁ ଠିକ୍ ଢଙ୍ଗରେ କ୍ୟାରି କରିପାରିଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳିଥାଏ। କିନ୍ତୁ ଜାଣନ୍ତି କି କୁର୍ତ୍ତି ସାଙ୍ଗେ ପିନ୍ଧାଯାଉଥିବା ପ୍ୟାଣ୍ଟର ମୋହରିର ଡିଜାଇନ୍‌ରେ ଯଦି ଟିକେ ଇନୋଭେଟିଭ୍ ଫ୍ୟାଶନକୁ ଆଡ୍ କରାଯାଏ, ତା'ହେଲେ ଏହା ପୁରା ଆଉଟ୍‌ଫିଟ୍‌ର ଲୁକ୍‌କୁ ଆହୁରି ଆକର୍ଷଣୀୟ କରିଦିଏ। ଏଠାରେ ସେମିତି କିଛି ପ୍ୟାଣ୍ଟରେ କରାଯାଉଥିବା ଟ୍ରେଣ୍ଡି ମୋହରି ଡିଜାଇନ୍ ସମ୍ପର୍କରେ ଉଲ୍ଲେଖ କରାଗଲା...



✲ **ପ୍ୟାଣ୍ଟରେ ବଟନ୍ ମୋହରି ଡିଜାଇନ୍:** ଯେଉଁ ଝିଅଙ୍କର ସିମ୍ପଲ ସାଙ୍ଗକୁ ଏଲିଗାଣ୍ଟ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ବଟନ୍ ବାଲା ମୋହରି ଡିଜାଇନ୍ ହୋଇଥିବା ପ୍ୟାଣ୍ଟକୁ କୁର୍ତ୍ତି ସାଙ୍ଗେ ମ୍ୟାଚିଂ କରି ପିନ୍ଧିପାରିବେ। ଖାସ୍ କରି ଏହି ଟାଇପ୍‌ର ପ୍ୟାଣ୍ଟ ସାଙ୍ଗକୁ ଏ ଲାଇନ୍ ଅଥବା ଷ୍ଟ୍ରେଟ୍ ଫିଟ୍ କୁର୍ତ୍ତି ଖୁବ୍ ଭଲ ମାନିଥାଏ। କାଜୁଆଲ୍ ଓ ଅଫିସ୍ ଲୁକ୍ ପାଇଁ ବି ଏହି ଡିଜାଇନ୍‌ର ପ୍ୟାଣ୍ଟ ବେଷ୍ଟ ହୋଇଥାଏ।



✲ **ପ୍ୟାଣ୍ଟରେ ଥ୍ରେଡ୍ ୱାର୍କ ମୋହରି ଡିଜାଇନ୍:** ଥ୍ରେଡ୍ ୱାର୍କ ସବୁବେଳେ ଭାରତୀୟ ପରିଧାନର ଏକ ଅଂଶ ରହିଆସିଛି। ଖାସ୍ କରି ପ୍ୟାଣ୍ଟର ମୋହରିରେ ଆକର୍ଷଣୀୟ ଥ୍ରେଡ୍ ଡିଜାଇନ୍ କରି ଏହାକୁ ଟିକେ ଟ୍ରେଣ୍ଡି ଲୁକ୍ ବି ଦେଇହେବ। ବିଶେଷକରି ଫୁଲ, ତାଳପତ୍ର ଅଥବା ଜ୍ୟାମେଟ୍ରିକ୍ ଡିଜାଇନ୍‌ର ଥ୍ରେଡ୍ ୱାର୍କରେ ପ୍ୟାଣ୍ଟର ମୋହରି ଏକଦମ୍ ଖାସ୍ ଲାଗିଥାଏ। ଏହି ଟାଇପ୍‌ର ପ୍ୟାଣ୍ଟ ଏମ୍ବ୍ରୋଡୋରୀ କୁର୍ତ୍ତି ଅଥବା ସିମ୍ପଲ କୁର୍ତ୍ତି ସାଙ୍ଗେ ଖୁବ୍ ସୁନ୍ଦର ଦେଖାଯାଇଥାଏ।



✲ **ପ୍ୟାଣ୍ଟରେ କଟ୍‌ୱାର୍କ ମୋହରି ଡିଜାଇନ୍:** କଟ୍‌ୱାର୍କ ଡିଜାଇନ୍‌ର ଟ୍ରେଣ୍ଡ ବି କେବେ ଆଉଟ୍ ଅଫ୍ ଫ୍ୟାଶନ ହୁଏନାହିଁ। ଏହି ଷ୍ଟାଇଲ୍‌କୁ ଖାସ୍‌କରି ଗରମ ଦିନେ ବେଶୀ ପସନ୍ଦ କରାଯାଇଥାଏ। ହେଲେ ଜାଣନ୍ତି କି କୁର୍ତ୍ତି ସାଙ୍ଗେ ପିନ୍ଧାଯାଉଥିବା ପ୍ୟାଣ୍ଟର ମୋହରିରେ ବି ଏହି କଟ୍‌ୱାର୍କ ଡିଜାଇନ୍ କରି ତାହାକୁ କ୍ଲାସି ଲୁକ୍ ଦେଇପାରିବେ। ଆଉ ଖାସ୍‌କରି ଏହି ପ୍ୟାଣ୍ଟକୁ ହାଲ୍‌କା ଫାବ୍ରିକ୍‌ର କୁର୍ତ୍ତି ଏବଂ ମିନିମମ୍ ଜ୍ୱେଲେରୀ ସାଙ୍ଗେ ପେୟାର୍ କରି କୌଣସି ପାର୍ଟିକୁ ଗଲେ ଟିକେ ଡିଫରେଣ୍ଟ ଲୁକ୍ ମିଳେ।

✲ **ପ୍ୟାଣ୍ଟରେ ନେଟ୍ ୱାର୍କ ମୋହରି ଡିଜାଇନ୍:** ଯେଉଁ ଝିଅଙ୍କର ମଡର୍ଣ୍ଣ ଆଉ ଗ୍ଲାମର୍ସ ଲୁକ୍ ପସନ୍ଦ, ସେମାନେ ଯେଉଁ ପ୍ୟାଣ୍ଟର ମୋହରିରେ ନେଟ୍ କାମ ହୋଇଥିବ, ତାହାକୁ ଟ୍ରାଏ କରିପାରିବେ। ପ୍ୟାଣ୍ଟର ମୋହରିରେ ଜାଲିବାଲା ନେଟ୍ କାମ ହୋଇଥିଲେ, ଏହା ପୂରା ଆଉଟ୍‌ଫିଟ୍‌କୁ ଫ୍ୟୁଜନ ଲୁକ୍ ଦେଇଥାଏ। ଏହି ଟାଇପ୍‌ର ପ୍ୟାଣ୍ଟକୁ ପାର୍ଟି ୱେର୍ କୁର୍ତ୍ତି ଅଥବା ଲଙ୍ଗ୍ ଟପ୍ ସହ ପେୟାର୍ କଲେ ଆକର୍ଷଣୀୟ ଲୁକ୍ ମିଳିଥାଏ।



✲ **ପ୍ୟାଣ୍ଟରେ ବୋ ବାଲା ମୋହରି ଡିଜାଇନ୍:** ଯଦି ଲୁକ୍‌ରେ ଟିକେ କ୍ୟୁଟ୍‌ନେସ୍ ଆଡ୍ କରିବାକୁ ଚାହୁଁଥାନ୍ତି, ତା'ହେଲେ ପ୍ୟାଣ୍ଟର ମୋହରିରେ ବୋ ଡିଜାଇନ୍‌କୁ ବ୍ୟବହାର କରିପାରିବେ। ସାର୍ଟିନ ଅଥବା ଅନ୍ୟ କୌଣସି ଚମକ୍‌ଦାର୍ ଫାବ୍ରିକ୍‌ର ଛୋଟ ଛୋଟ ସାଇଜ୍‌ର ବୋକୁ ପ୍ୟାଣ୍ଟର ମୋହରିରେ ବ୍ୟବହାର କଲେ ପ୍ୟାଣ୍ଟର ଲୁକ୍ ଆହୁରି ସୁନ୍ଦର ଲାଗିଥାଏ। ଖାସ୍ କରି ଫେଷ୍ଟିଭ୍ ସିଜନ୍‌ରେ ଏହି ଟାଇପ୍‌ର ପ୍ୟାଣ୍ଟକୁ ଶର୍ଟ କୁର୍ତ୍ତି ଅଥବା ପେପ୍ଲମ୍ ଟପ୍ ସହ ପେୟାର୍ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।


ଏହାଛଡ଼ା ଫ୍ଲୋରାଲ୍ ଏମ୍ବ୍ରୋଡୋରୀ ମୋହରି ଡିଜାଇନ୍, ମିରର୍ ୱାର୍କ ମୋହରି ଡିଜାଇନ୍, ବଟନ୍ ପଞ୍ଜାବୀ ସୁଟ୍ ମୋହରି ଡିଜାଇନ୍, ଲେସ୍ ମୋହରି ଡିଜାଇନ୍, ଚିକନ୍‌କାରି ମୋହରି ଡିଜାଇନ୍ ହୋଇଥିବା ପ୍ୟାଣ୍ଟ ବି ଝିଅମାନଙ୍କୁ ଆକର୍ଷଣୀୟ ଲୁକ୍ ଦେଇଥାଏ।



# ନାଟକର ରିହର୍ସାଲ ପ୍ରତି ଅଧିକ ଗୁରୁତ୍ୱ ଦେଇଥାଏ



ସ୍କୁଲ ପଢ଼ା ବୟସରେ ସେ ଗୀତିନାଟ୍ୟରେ ଅଭିନୟ କରୁଥିଲେ । ସମୟକ୍ରମେ ଅଭିନୟ ନିଶା ତାଙ୍କୁ ଜଣେ ସଫଳ ଅଭିନେତା ଓ ନିର୍ଦ୍ଦେଶକ ଭାବେ ପରିଚୟ ଦେଇଛି । ଥିଏଟର, ଟିଭି ଧାରାବାହିକ, ଚଳଚ୍ଚିତ୍ର, ଶର୍ଟଫିଲ୍ମ ଆଦିରେ ତାଙ୍କର ନିର୍ଦ୍ଦେଶନା ଓ ଅଭିନୟ ବେଶ୍ ବାରିହୋଇପଡ଼େ । ପ୍ରାୟ ତିନି ଦଶନ୍ଧି ଧରି ତାଙ୍କର ଏହି ସାଧନା ଜାରି ରହିଛି । ଭୁଲିହୁଏନା, ଅହଲ୍ୟା, ଆଶା, ଶୂନ୍ୟସ୍ୱରୂପ, କର୍ମ, ପ୍ରତୀକ୍ଷା ଆଦି ସିନେମା ହେଉ କି ସାରା ଆକାଶ, ତାସର ଘର, ପଣତକାନି, ମାଉସୀ ଆଦି ଏକାଧିକ ଧାରାବାହିକରେ ତାଙ୍କ ଅଭିନୟ ଦେଖିବାକୁ ମିଳେ । ଏଥିପାଇଁ ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ବହୁ ପୁରସ୍କାର ଓ ସମ୍ମାନ । ସେ ହେଲେ ଥିଏଟର ନିର୍ଦ୍ଦେଶକ ଓ ଅଭିନେତା **ଚୌଧୁରୀ ଜୟପ୍ରକାଶ ଦାସ** । ଜନ୍ମ ତା ୩.୭.୧୯୭୨ମସିହାରେ । ମାତା ମନୋରମା ଦାସ, ପିତା ଚୌଧୁରୀ ଅନିରୁଦ୍ଧ ଦାସ । ଘର ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲ ବ୍ଲକ ଅଧୀନ ବାରଙ୍ଗ ଗାଁରେ । ସେ କୁହନ୍ତି, ଆମେ ଦୁଇ ଭାଇ ଓ ୪ଭଉଣୀ । ବାପା ଥିଲେ ଜଣେ ଶିକ୍ଷକ । ମୁଁ ୟୁନିଟ -୯ ସ୍କୁଲରେ ପଢୁଥାଏ । ସେତେବେଳେ ବନମାଳୀ ପାଣ୍ଡିଆ ସାର୍ ଆମ ସ୍କୁଲରେ ଗୀତିନାଟ୍ୟ ଶିଖାଉଥିଲେ । ସେଠାରେ ଅଭିନୟ କରିଥିଲି । ସେବେଠାରୁ ନାଟକ ପ୍ରତି ମୋର ବହୁତ ଦୁର୍ବଳତା ରହିଆସିଛି । ଜେଜେଙ୍କର ନାଟକ ପ୍ରତି ବହୁତ ଦୁର୍ବଳତା ଥିଲା । ମୋ ଦାଦା ପୁଅ ଭାଇ ଚୌଧୁରୀ ବିକାଶ ଦାସ, ସିନେମା ଓ ଥିଏଟରର ଜଣେ ଜଣାଶୁଣା ଅଭିନେତା । ତାଙ୍କ ପ୍ରଭାବରେ ନାଟକ ପ୍ରତି ଅଧିକ ଆଗ୍ରହୀ ହୋଇଥିଲି । ୧୯୯୩-୯୪ ମସିହାରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ନାଟକ ବିଭାଗରେ ପଢିଲି । ନାଟକ ନିର୍ଦ୍ଦେଶନାରେ ଏମ୍.ଏ. ପାସ୍ କଲି । ଏଠାରେ ପଢୁଥିବା ସମୟରେ ମୋର ଗୁରୁ ଜଣାଶୁଣା ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତି, ଅଜିତ ଦାଶ ଏବଂ ନବୀନ ପରିଡ଼ାଙ୍କଠାରୁ ନାଟକରେ ଅଭିନୟ ଓ ନିର୍ଦ୍ଦେଶନା ଶିକ୍ଷା ପାଇଥିଲି । ୨ୟ ବର୍ଷର ଛାତ୍ର ହୋଇଥିବାବେଳେ ୧୯୯୭ରେ 'ଭୁଲି ହୁଏନା' ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରିଥିଲି । ଏହି ସିନେମାର ଗୋଟିଏ ଦୃଶ୍ୟ ପାଇଁ ବୁଲେଟ ଚଲାଇବାର ଥିଲା । ହେଲେ ପୂର୍ବରୁ ମୁଁ ବାଇକ ଚଲେଇ ନଥିଲି । ସେତେବେଳେ ବୁଲେଟ ପଛ ସିଟ୍‌ରେ ଦେବୁ ବ୍ରହ୍ମା ଓ ଅରବିନ୍ଦ ଭାଇ ବସିଥିଲେ । ଯେତେବେଳେ ବୁଲେଟ ଷ୍ଟାର୍ଟ କରି ନେଇଛି ରାସ୍ତାର ଏକ ଖାଲରେ ପଡ଼ିଯାଇଥିଲୁ, ସାଇଲେନ୍‌ସର ଲାଗି ଫୋଟକା ହୋଇଯାଇଥିଲା । ଏକଥା କେହି ଜାଣି ନ ଥିଲେ । ବିଜୟ ସାର୍ କହିଲେ ଅଭିନୟ ଠିକ୍ ହୋଇଛି । ଏଥିରେ ଶ୍ରୀରାମ ପଣ୍ଡା, ଦୁଃଖୀରାମ ସ୍ୱାଇଁ, ହେମନ୍ତ ଦାସ ଓ ରାମେଶ୍ୱରୀ ପ୍ରମୁଖଙ୍କ ସହିତ ଅଭିନୟ କରିବା ମୋ ପାଇଁ ସ୍ମରଣୀୟ । ସେତେବେଳେ ସୂର୍ଯ୍ୟ ମହାନ୍ତି ଜାତୀୟ ସ୍କୁଲ ଅଫ୍ ଡ୍ରାମାରେ ପାଠପଢ଼ି ଆସିଥିଲେ । ତାଙ୍କର ମୁକ୍ତି ନାଟକ ସଂସ୍ଥାରେ ଯୋଗଦେଇ ଅଭିନୟ କଲି । ଡ. ସତ୍ୟବ୍ରତ ରାଉତଙ୍କ ଝିମିଟି ଖେଳ ନାଟକରେ ଦୁର୍ଯ୍ୟୋଧନ ଚରିତ୍ରରେ ଅଭିନୟ କରିଥିଲି । ଏହା ସର୍ବଭାରତୀୟ ସ୍ତରରେ ଖୁବ୍ ନାଁ କରିଥିଲା । ସମୟକ୍ରମେ ଅନ୍ତର୍ଜାତୀୟ ନିର୍ଦ୍ଦେଶକ ଏଚ୍ କନ୍ହେୟା ଲାଲା, ବାଦଲ ସରକାରଙ୍କ ପରି ବହୁ ଜଣାଶୁଣା ନିର୍ଦ୍ଦେଶକ ଓ ଅଭିନେତାଙ୍କ ସହିତ ମିଶିଲି । ଅଶ୍ରୁମୋଚନ ମହାନ୍ତି, କିଶୋର ଖଣ୍ଡୁଆଳଙ୍କଠାରୁ ନାଟକ ଓ ଅଭିନୟ ସମ୍ପର୍କରେ କିଛି ଶିଖିପାରିଛି । ୧୮ବର୍ଷ ହେଲାଣି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜଣେ ଅତିଥି ଅଧ୍ୟାପକଭାବେ ଛାତ୍ରୀଛାତ୍ରଙ୍କୁ ଅଭିନୟ କ୍ଷେତ୍ରରେ ଶିକ୍ଷା ଦେଉଛି । ମୁଁ ଏ ପର୍ଯ୍ୟନ୍ତ ଭୁଲିହୁଏନା, ଅହଲ୍ୟା, ଆଶା, ଶୂନ୍ୟସ୍ୱରୂପ, ସଞ୍ଜୁସଞ୍ଜନା, ପାୱାର, ପରବ, କର୍ମ, ରଙ୍ଗସୁର, ଲୋଫର, ଇଡିଏଟ, ପ୍ରତୀକ୍ଷା, ଦିୱାନା, ଲଭ୍ ଇନ୍ ଲଣ୍ଡନ, ଏକାଏକା, ନିର୍ଣ୍ଣୟ ଆଦି ଶତାଧିକ ସିନେମା ଓ ସାରା ଆକାଶ, ତାସର ଘର, ପଣତକାନି, ମାଉସୀ ଆଦି ୫୦ଟି ଧାରାବାହିକରେ କାମ କରିଛି । ଓଟିଟିରେ ଶୁକଭାଇର ଶୋଲେ, ରାବଣପୋଡ଼ି, ଗ୍ୟାଙ୍ଗ ଶୋ ପୁରୀ, ଗ୍ୟାଙ୍ଗ ଶୋ-୨, ଆଣ୍ଟେନିରେ ଅଭିନୟ କରିଛି । ଟିଭି ସିନେମା- ଚୋରଣୀ, ବୋହୂ ଆମର ମାଟ୍ରିକ ଫେଲ, ବୋହୂକୁ ଲାଗିଲା ରିଲ୍‌ସ ଭୂତ, ତଡ଼ପା ଆଦିରେ ଅଭିନୟ କରିଛି । ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଥିଏଟର ୱାର୍କ ଶପ କାର୍ଯ୍ୟ କରିସାରିଲାଣି । ନାଟକ ଲେଖିଛି, ସଂଳାପ ଲେଖିଛି, ନିର୍ଦ୍ଦେଶନା ବି ଦେଇଛି । ଏମିତିରେ ତରଙ୍ଗ, ଡିଡି-୧ ପାଇଁ ସିରିଏଲ ଲେଖିଛି, ପିଲାଙ୍କୁ ପଢାଉଛି, ନିଜେ ପଢୁଛି, ନିଜକୁ ତିଆରି କରୁଛି । ମନମୋହନ ମହାପାତ୍ର, ସୁବାସ ଦାଶ, ହିମାଂଶୁ ଖଟୁଆ, ଶାନ୍ତନୁ ମିଶ୍ର, ଅଶୋକ ପତି, ସୁଶାନ୍ତ ମଣି, ଅନୁପମ ପଟ୍ଟନାୟକ ପ୍ରମୁଖ ଯଶସ୍ୱୀ ନିର୍ଦ୍ଦେଶକ ଓ କଳାକାରଙ୍କ ସହିତ ମିଶିବାରେ ଅନେକ କିଛି ଶିକ୍ଷା ମିଳିପାରିଛି । ନାଟକ ନିର୍ଦ୍ଦେଶନା ଦେବାବେଳେ ବେଶି ନଜର ଦେଇଥାଏ ଟାଇମ୍ ଓ ଆକ୍ଟରଙ୍କ ଆକ୍ଟିଂକୁ । ଥରେ ମଞ୍ଚରେ ଅଭିନୟ ପାଇଁ କଳାକାର ଉପସ୍ଥିତ ହୋଇଗଲେ ଗଲା । କଳାକାର ଅଭିନୟ କରିବା ପୂର୍ବରୁ ଚରିତ୍ରକୁ ବୁଝି ନାଟକ କରିବା ଦରକାର । ନାଟକର ରିହର୍ସାଲ ପ୍ରତି ଅଧିକ ଗୁରୁତ୍ୱ ଦେଇଥାଏ । କାରଣ ରିହର୍ସାଲ ଯେତେ ଅଧିକ ହେବ ନାଟକ ଭଲ ହେବ । ଆଜିକାଲି ଅସୁବିଧା ହେଲା ନାଟକ କରିବାରେ ବେଶି ସମୟ, ରିହର୍ସାଲ କରିବାକୁ କାହା ପାଖରେ ସମୟ ନାହିଁ । ସିନେମାରେ କଟ୍ ସିନ୍ ନେଇ ଯୋଡ଼ିହେବ ମାତ୍ର ନାଟକରେ ନୁହେଁ ।'






ନାଟକରେ ତାଙ୍କ ଅବଦାନ ପାଇଁ ତାଙ୍କୁ ସିନେକ୍ରିଟିକ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର, ବିଜୁ ପଟ୍ଟନାୟକ ସମ୍ମାନ, ଅମିୟ ପଟ୍ଟନାୟକ ସ୍ମୃତି ସମ୍ମାନ, ବାଣୀଚିତ୍ର ସମ୍ମାନ ସହ ଗୁଡ଼ିଆ ଶର୍ଟ ସିନେମାରେ ଶ୍ରେଷ୍ଠ କଳାକାର ଭାବେ ପୁରସ୍କୃତ କରାଯାଇଛି । ସେ କୁହନ୍ତି, ଅଧିକାଂଶ ସମୟ ମୋର ବାପାଙ୍କ କଥା ମନେପଡ଼େ । କାରଣ ମୁଁ ଏ କ୍ଷେତ୍ରକୁ ଆସିବାରେ ବାପା ବିରୋଧ କରି ନ ଥିଲେ ବରଂ କହିଥିଲେ ଯେଉଁ କ୍ଷେତ୍ରରେ କାର୍ଯ୍ୟକର ସେଥିରେ ଶୀର୍ଷରେ ରୁହ । ଏବେ ମୋର ସଫଳତା ଦେଖିବାକୁ ସେ ଆଉ ନାହାନ୍ତି । ମୋତେ ସବୁବେଳେ ସହଯୋଗ କରିଆସିଥିବା ପତ୍ନୀ ମଧ୍ୟ ୨୦୧୭ରେ ଆରପାରିକୁ ଚାଲି ଯାଇଛନ୍ତି । ଏବେ ଝିଅ, ସାନଭାଇ ଓ ବୋଉଙ୍କୁ ନେଇ ପରିବାର ଚାଲିଛି ।

-ବନବିହାରୀ ବେହେରା








# ନୂଆ କ୍ୟାଲେଣ୍ଡରରେ ପୁରୁଣା ଜୀବନ

–ବିଚିତ୍ର ବିଶ୍ୱାଳ

ଯଦିଓ ସେମାନେ ସାଙ୍ଗ, ତଥାପି ବି ବେଳେବେଳେ ସନିଆର କାହିଁକି ଭାରି ଈର୍ଷା ହୁଏ କାଳିଆ ପ୍ରତି । ଚିକେନ୍, ମଟନ୍ କି ମାଛ ଟିକିଏ ଖାଇବାକୁ ଚାହୁଁଥିବା ତା' କିଶୋର ମନଟା କାଳିଆକୁ ଚିକେନ୍ ମଟନ୍ ଚୋବାଉଥିବାର ଦେଖିଲେ ଲୋଭରେ ଲାଳେଇ ଯାଏ । କାଳିଆ ତୁଳନାରେ ତା' ଜୀବନଟା ଭାରି ଶୁଖିଲା ଲାଗେ ।

ସନିଆ ଓ କାଳିଆ ପିଲା ଦିନରୁ ସାଙ୍ଗ । ଜରି ଗୋଟେଇବା ବେଳେ ହେଉ କି ଖାଲିଟାରେ ବାବୁମାନଙ୍କର କଲୋନୀରେ ବୁଲି ବଡ଼ ବଡ଼ କୋଠାଗୁଡ଼ିକୁ ହାଁ ଟା କରି ଚାହୁଁଥିବା ବେଳେ, ସବୁବେଳେ ସନିଆ ସାଥିରେ ଥାଏ କାଳିଆ । କାଳିଆ ସିନା କଥା କହିପାରେନା କିନ୍ତୁ ସନିଆର ମନ କଥାକୁ ସେ ବେଶ୍ ବୁଝେ ।

ବର୍ଷର ଅନ୍ୟ ସମୟ ଯେମିତି ସେମିତି କଟିଯାଏ । କିନ୍ତୁ ଏହି ନୂଆବର୍ଷ ଆସିଲେ ଆଇଁଷ ଟିକିଏ ଖାଇବା ପାଇଁ ସନିଆର ବିକଳପଣ ଆହୁରି ବଢିଯାଏ । ବାବୁମାନଙ୍କ ଘର ଭିତରୁ ମାଂସ ତରକାରୀର ବାସ୍ନା ଉଠିଲେ ତା' ଜିଭରୁ ପାଣି ବୋହିଆସେ । କାଳିଆ କିନ୍ତୁ ସେମିତି ନୁହେଁ । ତାକୁ ଯାହା ଯେଉଁଠି ଅଇଁଠା ମିଳିଲେ ସେ ଚଳେଇନିଏ । କାଳିଆ ମୁହଁରୁ ଆଇଁଷର ବାସ୍ନା ଆସିଲେ ତାକୁ ବଲବଲ କରି ଚାହିଁ ସନିଆ ଭାବେ, ମୁଁ ଏମିତି କାଳିଆ ପରି ହୋଇଥାନ୍ତି କି !

ନୂଆବର୍ଷରେ ସାରା ସହର ଉତ୍ସବ ମୁଖର । ଚିକେନ୍ ଓ ମଟନ୍ ଦୋକାନରେ ପ୍ରବଳ ଭିଡ଼ । ଧାଡ଼ି ଧାଡ଼ି ଟଙ୍ଗା ହୋଇଥିବା ଅଧାକଟା ଛେଳି ଓ ଜାଲି ଭିତରୁ କୁକୁଡ଼ାଗୁଡ଼ାକୁ ଦେଖି ସନିଆର ମନଟା ଆହୁରି ଡହଳ ବିକଳ ହୋଇଉଠିଲା । ଯେତେ ଜିଦି କଲେ ବି, କାଲି ରାତିରୁ ବାପା କହି ଦେଇଛନ୍ତି, ଚିକେନ୍ କି ମଟନ୍ ଆଣିବାକୁ ତାଙ୍କ ପାଖରେ ପଇସା ନାହିଁ । ଅଣ୍ଡା ଦି'ଟାରେ ଚଳାଅ । ବାପା କହୁଥିଲେ, ଏବର୍ଷ ଅଦା ରସୁଣ ରେଟ୍ ଶହେ ଟପିଗଲାଣି । ପିଆଜ ପଚାଶ ଟଙ୍କାରୁ ଖସୁନି । ପେଟକୁ ଦାନା ପାଇଁ ପଇସା ଅଣ୍ଟୁନି ପୁଣି ଚିକେନ୍ ଆଣିବି କେମିତି ! ସେ ନୂଆବର୍ଷ ଫୁଆବର୍ଷ ଆମ ଗରିବଙ୍କ ପାଇଁ କ'ଣ !

ନୂଆବର୍ଷ ଦିନ ସେଇ ପୁରୁଣା ଜୀବନକୁ ବୋହି ବୋହି ସବୁ ଲାଳଗଡ଼ା ଆଶାକୁ ମାରିଦେଇ ଶୁଖିଲା ଭାତ ସହିତ ସିଝା ଅଣ୍ଡା ଗୋଟାଏକୁ ଲଗେଇ ଖାଇଲା ସନିଆ ।

ପାଖ କଲୋନୀ ଭିତରୁ ଭାସି ଆସୁଥିଲା ମାଂସର ବାସ୍ନା । ସନିଆ ଟାଣି ହୋଇଗଲା କଲୋନୀ ଭିତରକୁ । ସେଠାରେ ଦେଖିଲା, ଗୋଟିଏ ଡଷ୍ଟବିନ୍ ଭିତରେ ପଶି ମନ ଆନନ୍ଦରେ ଅଇଁଠା ଚିକେନ୍ ମଟନ୍ ଚୋବାଉଛି କାଳିଆ । ସନିଆକୁ ଦେଖି ଟିକେ ମୁଣ୍ଡ ଟେକି ଚାହିଁଲା ଓ ପୁଣି ମନ ଆନନ୍ଦରେ ନୂଆବର୍ଷ ପାଳିଲା । କାଳିଆକୁ ଦେଖି ନିଜ ମଣିଷ ହେବାର ଭାଗ୍ୟକୁ ନିନ୍ଦିଲା ସନିଆ । ଏତିକି ବେଳେ ପଞ୍ଝାଏ କୁକୁର ଭୋ ଭୋ ହୋଇ ଗୋଡ଼େଇ ଆସିଲେ କାଳିଆ ଆଡ଼କୁ । ଢେଲାଟିଏ ଉଠେଇ କୁକୁରମାନଙ୍କ ଆଡ଼କୁ ଉଁଚେଇ କାଳିଆକୁ ସୁରକ୍ଷା ଦେଲା ସନିଆ । ପାଟିରେ ଖଣ୍ଡେ ମଟନ୍ ହାଡ଼ ଧରି ଡଷ୍ଟବିନ୍ ଭିତରୁ କୁଦାଟିଏ ମାରି ବାହାରକୁ ଡେଇଁ ପଡ଼ିଲା କାଳିଆ । ସନିଆ ପାଖକୁ ଯାଇ ଲାଞ୍ଜ ହଲେଇ ହଲେଇ ଠିଆ ହେଲା । ସତେ ଯେମିତି କହୁଛି, ନେ ତୁ ବି ଟିକେ ଚୋବେଇ ଦେ । ମଟନ ବାସ୍ନାରେ ସନିଆର ନାକପୁଡ଼ାଟା ଫୁଲି ଉଠିଲା । ଆଗ୍ରହରେ ଅଇଁଠା ହାଡ଼ ଖଣ୍ଡକୁ ଧରିଲା ସେ ଓ ଭାବିଲା କେତେ ଭାଗ୍ୟବାନ କାଳିଆ ସତରେ ! ହାଡ଼ ଖଣ୍ଡକୁ ହାତରେ ଧରି ତା'ର ସବୁ ବାସ୍ନାକୁ ଶୋଷିନେଲା ସନିଆ । ତା'ପରେ ବୁଲେଇ ବୁଲେଇ ଫୋପାଡ଼ି ଦେଲା ବହୁତ ଦୂରକୁ । ଯେମିତି ସେ ତା' ପୁରୁଣା ଜୀବନକୁ ଫୋପାଡ଼ି ଦେବାକୁ ଚାହୁଁଥିଲା ଏଇ ନୂଆବର୍ଷରେ ।

କାଳିଆ ଦୌଡ଼ି ଯାଇ ହାଡ଼ଟାକୁ ଧରି ପୁଣି ଫେରିଆସିଲା ତା' ପାଖକୁ । ସନିଆ ଏକ ମୁହାଁ ହୋଇ ଦୌଡ଼ିଲା । କାଳିଆ ବି ଦୌଡୁଥିଲା ତା' ପଛେପଛେ ପାଟିରେ ହାଡ଼ ଖଣ୍ଡକୁ ଧରି, ଯେମିତି ଗୋଟିଏ ପରେ ଗୋଟିଏ କ୍ୟାଲେଣ୍ଡର ବଦଳୁଥିଲା କିନ୍ତୁ ତା' ପୁରୁଣା ଜୀବନ ପିଛା ଛାଡୁ ନଥିଲା ।

*–ଭିରଙ୍ଗ, ତିରଣ, ଜଗତସିଂହପୁର–୭୫୪୧୩୮*
*ମୋ: ୯୪୩୮୪୬୮୪୭୪*





## ଚାହାଣି

–ଡ.ଭରତ ଚନ୍ଦ୍ର ଦାଶ

ଏମିତି ଚାହାଣି ମନ ନିଏ କିଣି
ହୃଦୟ ହୁଏ ମୋ ଚୋରି
ସପନରେ ହଜେ ପୀରତିରେ ଭିଜେ
ତୃଷାର୍ତ୍ତେ ପ୍ରଣୟ ବାରି ।

*–ମାର୍କୋଣା, ବାଲେଶ୍ୱର*
*ମୋ: ୮୯୮୪୪୩୯୧୬୬*



## ନିଆଁ ଲାଗିଛି ଜଙ୍ଗଲରେ

–ତପନ କୁମାର ପଣ୍ଡା

ସବୁ ସମ୍ମୋହନକୁ ଫେଣ୍ଟି ଦେଇଛି ଆକାଶ,
ସେଥିପାଇଁ ତ' ତରଳ ନିଆଁରେ
ନିଶାସକ୍ତ ଏବେ ସାରା ଜଙ୍ଗଲ,
କାହାକୁ ଜଣାଥିଲା ଅନ୍ଧାର ସାଇତି ଥିଲା
କେତେ କେତେ ଆଗ୍ନେୟଗିରି,
ଅବବୋଧ ଓ ଉଷ୍ମ ଆଖିପତାରୁ ?
ମୁଁ ବି ଜାଣି ନଥିଲି କାହା ସ୍ପର୍ଶରେ
ଅନେକ ଜହ୍ନର ଉନ୍ମାଦନା,
କାହାର ଅବଶ ଦେହରେ
ପ୍ରଲମ୍ବିତ ନୂଆ କିଛି ଉନ୍ମାଦନା ।
ଗୋଟିଏ ଗର୍ଭସ୍ଥ ଅହଂକାରରେ
କ'ଣ ବାରମ୍ବାର ଶିରଚ୍ଛେଦ ହୋଇପାରେ
ଗୋଟିଏ ଉତ୍ତୁଙ୍ଗ ପର୍ବତର ?
ବ୍ୟତିକ୍ରମର ପାଖୁଡ଼ାରେ
ଝୁଲୁଥାଏ ଧାର ଧାର ଗଙ୍ଗାଜଳ
କାହାର ଅନାସକ୍ତ କମଣ୍ଡଳୁରେ ?
କେଉଁଠି ଲୁଚେଇହେବ ଭଲ ପାଇବା,
କେଉଁଠି ଲୁଚେଇ ହେବ ଘୃଣାର ପ୍ରଥମ ଅକ୍ଷର,
ନିଆଁ ଲାଗିବା ଭୟରେ ସଭିଏଁ ନିରୁତ୍ତର !
ନିଆଁ ଲାଗିଛି ଜଙ୍ଗଲରେ,
ଛାତି ଭିତରେ ପିଟି ହେଉଛି ଭୟର ଭୈରବ,
ନିଆଁ ଲାଗିଛି ସମ୍ପର୍କରେ,
ଝାଉଁଳିଯିବାର ବୟସ ଝୁଲସି ଯାଇଛି
ମାୟା ବଗିଚାର ଘନ ସବୁଜ ମାୟାରେ ।

*–ରସୁଲଗଡ଼, ଭୁବନେଶ୍ୱର*
*ମୋ: ୭୦୮୨୪୬୪୮୦୦*



'୧୯୯୯' ଫିଲ୍ମର ଏକ ଦୃଶ୍ୟ

# ୧୯୯୯

**ଥ**ରେ ମନେ ପକାନ୍ତୁ ନା ୧୯୯୯ରେ ଓଡ଼ିଶା ସାମ୍ନା କରିଥିବା ମହାବାତ୍ୟାକୁ। ଏହି ପ୍ରାକୃତିକ ବିଭିଷିକାର ଦୃଶ୍ୟ ଏବେ ମଧ୍ୟ ଅନେକଙ୍କ ମନରେ ସତେଜ ହୋଇ ରହିଛି। ତେବେ ଏହାକୁ ଏବେ ଏକ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆଯାଉଛି, ଯାହାର ଟାଇଟଲ ରହିଛି '୧୯୯୯ : ଏକ ସଂଗୁପ୍ତ କାହାଣୀ'। ଉକ୍ତ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଡ. ମନୋଜ କୁମାର ମିଶ୍ର। କେବଳ ସେତିକି ନୁହେଁ ସେ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ, ଗୀତ ରଚନା ମଧ୍ୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଅମିର ପତି। ପ୍ରଯୋଜକ ମନୋଜ କହନ୍ତି, ''ଏହାର କାହାଣୀକୁ ଚୂଡାନ୍ତ ରୂପରେଖ ଦେବାକୁ ବେଶ୍ ପରିଶ୍ରମ କରିଛୁ। କାହାଣୀ ଅନୁସାରେ ସଂଳାପ ଏବଂ ଗୀତ ରଚନା କରାଯାଇଛି। ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କୁ ଭରପୂର ମନୋରଞ୍ଜନର ଖୋରାକ ଦେବ ଓ ଦର୍ଶକଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା ରଖିଛି।'' ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବରିଷ୍ଠ ସ୍ୱରକାର ପ୍ରଶାନ୍ତ ପାଢ଼ୀ। ଏହାର ବିଭିନ୍ନ ଭୂମିକାରେ କାଳୀଚରଣ, ଅପୂର୍ବ, ମମତା, ଜିତେନ୍ଦ୍ର ଓ ମନୋଜ ପ୍ରମୁଖଙ୍କୁ ଦେଖିବାକୁ ମିଳିବ।

# ମଡେଲିଂରୁ ଅଭିନେତ୍ରୀ

**ର**ଶ୍ମିକା ମନ୍ଦାନା ମନସ୍ତତ୍ତ୍ୱବିଜ୍ଞାନରେ ଡିଗ୍ରୀ ହାସଲ କରିବା ପରେ ମଡେଲିଂ ଦୁନିଆରେ ପାଦ ଦେଇଥିଲେ। ସେତେବେଳେ ସେ ମଡେଲିଂ ସହ କେତେକ ବିଜ୍ଞାପନ ପାଇଁ କାମ କରିଥିଲେ। ଏକଦା ଏକ ବିଜ୍ଞାପନର ଶୁଟିଂ ସମୟରେ ନିର୍ଦ୍ଦେଶକ-କମ୍-ଅଭିନେତା ରିଷଭ ସେଟ୍ଟିଙ୍କ ନଜରକୁ ଆସିଥିଲେ। ଆଉ ତା'ପରେ ସତେ ଯେମିତି ଏକ ସୁବର୍ଣ୍ଣ ସୁଯୋଗ ତାଙ୍କୁ ଅପେକ୍ଷା କରି ବସିଥିଲା। ରିଷଭଙ୍କ 'କିର୍‌କି ପାର୍ଟି' (୨୦୧୬)ରେ ସେ ନାୟିକା ସାଜିଥିଲେ। କେବଳ ସେତିକି ନୁହେଁ ତାଙ୍କ ଅଭିନୀତ ପ୍ରଥମ ସିନେମା ବ୍ଲକ ବଷ୍ଟର ସାବ୍ୟସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଏଥିରେ ତାଙ୍କର କୋ-ଷ୍ଟାର୍ ଥିବା ରକ୍‌ସିତ ସେଟ୍ଟିଙ୍କ ପ୍ରେମରେ ସେ ପଡିଯାଇଥିଲେ। କିନ୍ତୁ ଏହି ପ୍ରେମ କାହାଣୀ ବେଶୀ ଦିନ ଆଗେଇ ପାରି ନ ଥିଲା। ତା'ପରେ 'ଗୀତ ଗୋବିନ୍ଦମ'ରେ ତାଙ୍କ ସହ ଅଭିନୟ କରିଥିବା ବିଜୟ ଦେବରକୋଣ୍ଡାଙ୍କ ସହ ତାଙ୍କର ଅଫେୟାର ଥିବା ଚର୍ଚ୍ଚା ହେଲା। କିନ୍ତୁ ଏସବୁକୁ ଗୁଜବ କହିଥିଲେ ରଶ୍ମିକା। ପରବର୍ତ୍ତୀ ସମୟରେ ସେ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛନ୍ତି। ବର୍ତ୍ତମାନ ସେ ଅଭିନୟ କରୁଥିବା 'ଥମା' ଫିଲ୍ମର ଶୁଟିଂ ଚାଲୁ ରହିଛି, ଯାହାର ନାୟକ ଭୂମିକାରେ ଅଭିନୟ କରୁଛନ୍ତି ଆୟୁଷ୍ମାନ ଖୁରାନା।

# ଭୂତ ବଙ୍ଗଳା

**ଅ**ଭିନୟ କ୍ଷେତ୍ରରେ ତବୁ କେତେ ପାରଙ୍ଗମ ତାହା କହିବା ବାହୁଲ୍ୟ। ନିଜ ଆକ୍ଟିଂ କ୍ୟାରିୟରରେ ସେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ମଧ୍ୟ ପୁରସ୍କୃତ ହୋଇଛନ୍ତି। ଖୁବ୍ ଶୀଘ୍ର ଏହି ଅଭିନେତ୍ରୀଙ୍କୁ ବଡ ପରଦାରେ ଅକ୍ଷୟ କୁମାରଙ୍କ ସହ ଦେଖିବାକୁ ମିଳିବ। ଉକ୍ତ ସିନେମାର କାହାଣୀରେ ରହସ୍ୟ, ରୋମାଞ୍ଚ ଏବଂ କମେଡି ରହିଛି। ଚିତ୍ରଟିର ଟାଇଟଲ ରହିଛି 'ଭୂତ ବଙ୍ଗଳା'। ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଏହି ଅବସରରେ ଜୟପୁରଠାରେ ଏକ କ୍ୟାମ୍ପ ଫାୟାର ଆୟୋଜନ କରାଯାଇଥିଲା। ସେଦିନ ଏଥିରେ ଅଭିନୟ କରିଥିବା କଳାକାରମାନେ ନିଜ ନିଜ ଅନୁଭୂତି ବଖାଣିଥିଲେ। ଏହି ଅବସରରେ ତବୁ କହିଥିଲେ ଯେ, ''ଶୁଟିଂ ତ ସରିଗଲା। ପୋଷ୍ଟ ପ୍ରଡକ୍ସନ କାମ ଶେଷ ହେବା ସହ ଫିଲ୍ମଟି ଚଳିତ ବର୍ଷ ଏପ୍ରିଲ ୨ରେ ରିଲିଜ ହେବ। ଏବେଠାରୁ ସେହି ଶୁଭ ଦିନକୁ ମୁଁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛି। ଏହି ଫିଲ୍ମରେ ଅକ୍ଷୟଙ୍କ ସହ ମୋ ଯୋଡିକୁ ଦର୍ଶକ ପସନ୍ଦ କରିବେ ବୋଲି ଆଶା ରଖିଛି।'' ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଏକତା କପୁର, ଶୋଭା କପୁର ଏବଂ ଅକ୍ଷୟ କୁମାର। ନିର୍ଦ୍ଦେଶନା ଭାର ତୁଲାଇଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରିୟଦର୍ଶନ। ଖାସ୍ କଥା ହେଲା, ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ପ୍ରିୟଦର୍ଶନଙ୍କ ଫିଲ୍ମରେ ଅକ୍ଷୟ କୁମାର ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ରିଲିଜ ପରେ ହିଁ ଜଣାପଡିବ।



ତବୁ



ଅଲ୍ଲୁ



ରଶ୍ମିକା

# ସଞ୍ଜୟଙ୍କ ପ୍ରଶଂସାରେ ଅଲ୍ଲୁ

**'ପୁଷ୍ପା'** ଫେମ୍ ଅଲ୍ଲୁ ଅର୍ଜୁନଙ୍କୁ ନେଇ ଏବେ ଚର୍ଚ୍ଚା। ଏହି ଫିଲ୍ମର ସିକ୍ୱେଲ 'ପୁଷ୍ପା-୨' ରିଲିଜ ହେବା ପରେ ଯେଉଁ ଘଟଣା ଘଟିଗଲା ତାହାକୁ ବର୍ଣ୍ଣନା କରିବା ଅନାବଶ୍ୟକ। ହେଲେ ଏବେ ସେ ନିଜ କ୍ୟାରିୟର ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି। କଥା କ'ଣ କି ଏହି ତେଲୁଗୁ ସୁପରଷ୍ଟାର ନିକଟରେ ମୁମ୍ବାଇ ଆସିଥିଲେ। ଆଉ ସେଠାରେ ତାଙ୍କୁ ସଞ୍ଜୟ ଲୀଳା ଭଁସାଲିଙ୍କ ଅଫିସରେ ଦେଖିବାକୁ ମିଳିଥିଲା। ଆଲୋଚନା ହେଉଛି ଯେ ଭଁସାଲିଙ୍କ ନିର୍ମାଣାଧୀନ ହିନ୍ଦୀ ସିନେମା 'ଲଭ୍ ଆଣ୍ଡ ୱାର୍'ର କାଷ୍ଟିଂରେ ତାଙ୍କୁ ସାମିଲ କରାଯିବ। ହେଲେ ସେପଟେ ସଞ୍ଜୟଙ୍କ ପଟରୁ କି ଅଲ୍ଲୁଙ୍କ ପକ୍ଷରୁ ଏନେଇ କୌଣସି ଚୂଡାନ୍ତ ଘୋଷଣା କରାଯାଉନାହିଁ। ଏ ସମ୍ପର୍କରେ ଅଲ୍ଲୁ କହନ୍ତି, ''ମୁଁ ସେଦିନ ସଞ୍ଜୟ ଲୀଳା ଭଁସାଲିଙ୍କ ଅଫିସକୁ ଯାଇଥିଲି, ଏକଥା ସତ। ହେଲେ ଆମ ଭିତରେ କ'ଣ ଆଲୋଚନା ହେଲା ତାହା ଏବେ କହି ହେବ ନାହିଁ। ମୋର ଏହି ଭେଟକୁ ନେଇ ଅନେକ କଥା ଆଲୋଚନା ହେଉଛି। କିନ୍ତୁ ସେକଥା ଉପରେ ଏବେ କିଛି ପ୍ରତିକ୍ରିୟା ଦେବା ଠିକ୍ ହେବ ନାହିଁ।'' ବର୍ତ୍ତମାନ ସଞ୍ଜୟଙ୍କ ନିର୍ଦ୍ଦେଶନାରେ 'ଲଭ୍ ଆଣ୍ଡ ୱାର୍'ର ନିର୍ମାଣ କରାଯାଉଛି। ଯଦି ଅଲ୍ଲୁ ଏହାର କାଷ୍ଟିଂରେ ସାମିଲ ହୁଅନ୍ତି, ତେବେ ତାହା ତାଙ୍କ ପାଇଁ ନିଶ୍ଚୟ ଆଉ ଏକ ଭଲ ସୁଯୋଗ ହେବ। ଏବେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏ ନେଇ ବିଧିବଦ୍ଧ ଘୋଷଣାକୁ ଅପେକ୍ଷା କରିବାକୁ ପଡିବ।

# ପାଞ୍ଚ ବର୍ଷ ପରେ..

**ସା**ରା ଅଲ୍ଲୀ ଖାଁ ଏବଂ କାର୍ତ୍ତିକ ଆର୍ଯ୍ୟନଙ୍କ ଯୋଡିକୁ ପ୍ରଥମେ 'ଲଭ୍ ଆଜ କଲ୍'ରେ ଦେଖିବାକୁ ମିଳିଥିଲା। ଏବେ ପାଞ୍ଚ ବର୍ଷ ପରେ ପୁଣି ଥରେ ଏହି ଯୋଡିଙ୍କୁ ବଡ ପରଦାରେ ଦେଖିବାକୁ ମିଳିବ। ଅନୁରାଗ ବସୁଙ୍କ ଆଗାମୀ ଫିଲ୍ମରେ କାର୍ତ୍ତିକ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଆଉ ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅନୁରାଗ ଏହାର ନାୟିକା କିଏ ସାଜିବ ତାହା ମଧ୍ୟ ଘୋଷଣା କରିଛନ୍ତି। ସେ ହେଉଛନ୍ତି ସାରା ଅଲ୍ଲୀ ଖାଁ। ଆଉ ସାରାଙ୍କୁ ଯେତେବେଳେ ଏହି ଅଫର ଦିଆଗଲା ସେତେବେଳେ ତାହାକୁ ସେ ବିଶ୍ୱାସ କରିପାରି ନ ଥିଲେ। ହେଲେ ଯେତେବେଳେ ଜାଣିଲେ ଯେ ଏଥିରେ ତାଙ୍କ ଅପୋଜିଟ୍‌ରେ କାର୍ତ୍ତିକ ଅଭିନୟ କରିବେ ସେତେବେଳେ ଆଉ ବିଳମ୍ବ ନ କରି ହଁ ଭରିଥିଲେ। ଏ ନେଇ ସାରା କହନ୍ତି, ''ଆମ ଯୋଡିକୁ ଦର୍ଶକ 'ଲଭ୍ ଆଜ କଲ୍'ରେ ଗ୍ରହଣ କରିଥିଲେ। ଯାହାହେଉ ଦୀର୍ଘ ପାଞ୍ଚ ବର୍ଷ ପରେ ଆମକୁ ପୁଣି ଥରେ ଏକତ୍ର ଅଭିନୟ କରିବାର ସୁଯୋଗ ମିଳିଛି। ଆଉ ଏ ନେଇ ଅନୁରାଗ ସାର୍‌ଙ୍କୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ।'' ଏଥିରେ ଜଣେ ନବାଗତାଙ୍କୁ ମଧ୍ୟ ସୁଯୋଗ ଦିଆଯାଉଛି। ସେ ହେଲେ ଇମାନ୍‌ବି ଇସ୍‌ମାଇଲ। ଏହି ଅଭିନେତ୍ରୀ ଏବେ ପ୍ରଭାସଙ୍କ ସହ ଏକ ପିରିଓଡିକାଲ ଫିଲ୍ମରେ ଅଭିନୟ କରୁଛନ୍ତି।



ସାରା

# ଭଲ ବେଳା ଆସିଛି

**ର**ଣବୀର ସିଂଙ୍କ ମୁଣ୍ଡରେ ସତେ ଯେମିତି ହାତୀ ସୁନା କଳସ ଢ଼ାଳିଛି। ଏବେ ପଛକୁ ପଛ ଦୁଇଟି ସିନେମା-'ଧୁରନ୍ଧର' ଏବଂ 'ଡନ୍- ୩' ରିଲିଜ ହେବାକୁ ଯାଉଛି। କେବଳ ସେତିକି ନୁହେଁ, ଆଉ ଦୁଇଟି ନୂଆ ସିନେମାରେ ଅଭିନୟ କରିବାକୁ କଥାବାର୍ତ୍ତା ଚାଲିଛି। ଏ ସମ୍ପର୍କରେ ରଣବୀର କହନ୍ତି, ''ଅବଶ୍ୟ ମୋ ଆକ୍ଟିଂ କ୍ୟାରିୟରରେ ମୁଁ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛି। ହେଲେ 'ଧୂରନ୍ଧର'ରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋତେ ଅଧିକ ମାଇଲେଜ ଦେବ ବୋଲି ଆଶା ରଖିଛି। ଯଦି ଦର୍ଶକ ଏହି ଫିଲ୍ମଟିକୁ ଗ୍ରହଣ କରନ୍ତି ତେବେ ମୋର ସ୍ୱପ୍ନ ସାକାର ହେବ। 'ଧୁରନ୍ଧର' ଫିଲ୍ମର କାହାଣୀ ଆକ୍ସନ ଉପରେ ଆଧାରିତ। ଏଥିରେ ରଣବୀରଙ୍କ ବ୍ୟତୀତ ଆର. ମାଧବନ, ସଞ୍ଜୟ ଦତ୍ତ ଏବଂ ଅର୍ଜୁନ ରାମପାଲଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ରଣବୀରଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୦ରୁ। ତାଙ୍କର ଡେବ୍ୟୁ ଫିଲ୍ମର ଟାଇଟଲ ଥିଲା 'ବ୍ୟାଣ୍ଡ ବାଜା ବାରାତ୍'। ସେ ଅଭିନୟ କରିଥିବା ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି-'ଗୁଣ୍ଡେ', 'ବାଜିରାଓ ମସ୍ତାନି', 'ବେଫିକ୍ରେ', 'ପଦ୍ମାବତ', 'ଶିମ୍ବା', 'ଗଲିବୟ', 'ସୂର୍ଯ୍ୟବଂଶୀ', '୮୩' ଏବଂ 'ସିଂଘମ ଏଗେନ୍'।



ରଣବୀର ସିଂ

ପ୍ରଥମ ରୋଜଗାର

# ବହି ରଖିବାକୁ ବ୍ୟାଗ୍ କିଣିଥିଲି



ସମାଜସେବୀ ତଥା ପ୍ରଶାସନିକ ଅଧିକାରୀ **ନେତ୍ରାନନ୍ଦ ମଲ୍ଲିକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

କେନ୍ଦ୍ରାପଡ଼ା ଜିଲ୍ଲା ଦୋବନ୍ଧା ଗାଁରେ ମୋ ଘର। ବାପା ସ୍ୱର୍ଗତ ବାଇଧର ମଲ୍ଲିକ ଓ ମା' କଲ୍ୟାଣୀଙ୍କର ମୁଁ ହେଲି ମଧ୍ୟମ ପୁତ୍ର। ଘରର ଦୁର୍ବଳ ଆର୍ଥିକାବସ୍ଥା ଭିତରେ ବି ଆମ ୫ଭାଇଭଉଣୀ (୩ ଭାଇ, ୨ ଭଉଣୀ)ଙ୍କୁ ପାଠ ପଢ଼ାଇ ମଣିଷ କରିବାରେ ମା'ବାପାଙ୍କର ଅନେକ ତ୍ୟାଗ ରହିଥିଲା। ତାଙ୍କରି ଆଶୀର୍ବାଦରେ ଗାଁ ସ୍କୁଲରୁ ମାଟ୍ରିକ ପାସ୍ ପରେ ପଟ୍ଟାମୁଣ୍ଡାଇ କଲେଜରେ ଯୁକ୍ତ ୨ ଓ ଯୁକ୍ତ ୩ରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲି। ତା'ପରେ ରେଭେନ୍ସା କଲେଜରେ ରାଜନୀତି ବିଜ୍ଞାନରେ ପିଜି ପଢ଼ିବାକୁ କଟକ ଗଲି। ଅର୍ଥାଭାବ ଯୋଗୁ ହଷ୍ଟେଲରେ ରହିବାକୁ ସକ୍ଷମ ନ ଥିବାରୁ କିଛିଦିନ ପର୍ଯ୍ୟନ୍ତ ୟା'ତା ବାରଣ୍ଡାରେ ଅନୁମତି ନେଇ ରାତି କଟାଇ ଦେଉଥିଲି। ଘରର ପରିସ୍ଥିତି ତ ମୋତେ ଜଣାଥିଲା। ତେଣୁ ନିଜ ଖର୍ଚ୍ଚ ନିଜେ ତୁଲାଇବା ପାଇଁ ଟ୍ୟୁଶନ କରିବା ଆରମ୍ଭ କଲି। ପ୍ରାୟ ୧୦ରୁ ୧୫ କି.ମି. ପର୍ଯ୍ୟନ୍ତ ଚାଲିଚାଲି ଯାଇ ଟ୍ୟୁଶନ କରି ଯେଉଁ ସ୍ୱଳ୍ପ ରୋଜଗାର କରୁଥିଲି, ସେଥିରେ ହଷ୍ଟେଲରେ ରହିବା ପାଇଁ ସିନା ହୋଇଯାଉଥିଲା ହେଲେ ଖାଇବା ସକାଶେ ଠିକ୍ ସମୟରେ ପଇସା ନ ଦେଇ ପାରିଲେ ଅଧେ ଦିନ ଉପାସରେ ରହିବାକୁ ପଡୁଥିଲା। ଏତେ କଷ୍ଟ ଭିତରେ ବି ୟା'ଠୁ ତା'ଠୁ ବହି ମାଗି ଆଣି ଖୁବ୍ ମନ ଲଗାଇ ପାଠପଢ଼ି ପିଜିରେ ଟପ୍ପର ହୋଇଥିଲି। ଏହି ହଷ୍ଟେଲରେ ଥିଲାବେଳେ ଥରେ କିଛି ସାଙ୍ଗଙ୍କୁ ଓଏଏସ୍ ପାଇଁ କେମିତି ପ୍ରସ୍ତୁତ କରିବାକୁ ହୁଏ ପଚାରିଥିଲି। କିନ୍ତୁ ସେମାନେ ପରେ ଥଟ୍ଟାମଜାରେ ମୁଁ ନ ଥିବାବେଳେ ମୋ ପଢ଼ା ବହିରେ ମୋ ନାଁ ଆଉ ତା'ତଳକୁ ଓଏଏସ୍ ତହସିଲଦାର, କଟକ ବୋଲି ଲେଖି ଦେଇଥିଲେ। ଏହି ଲେଖାକୁ ପଢ଼ି ସେଦିନ ଦୃଢ଼ ସଙ୍କଳ୍ପ ନେଇଥିଲି ଯେ, ଦିନେନା ଦିନେ ମୁଁ ଏହି କଥାକୁ ସତ ବୋଲି ପ୍ରମାଣିତ କରିବି। ବାସ୍ ତା'ପରଠୁ ଓଏଏସ୍ ପ୍ରସ୍ତୁତିରେ ଲାଗିଗଲି। ଆଉ ତା'ରି ଭିତରେ ଅନୁଗୋଳ କଲେଜ ଅଫ୍ ଟିଚର୍ ଏଜୁକେଶନରେ ବିଏଡ୍ ପଢ଼ି ସେଥିରେ ବି ଟପ୍ପର ହେଲି। ତା'ପରେ କଟକସ୍ଥିତ ରାଧାନାଥ ଟ୍ରେନିଂ କଲେଜରେ ଏମ୍ଏଡ୍ ପାଇଁ ଆଡ୍‌ମିଶନ ନେଲି। ଅର୍ଥର ଅଭାବ ତ ସବୁ କ୍ଷେତ୍ରରେ ବାଧା ସୃଷ୍ଟି କରୁଥିଲା। ତଥାପି ଦୃଢ଼ ଇଚ୍ଛାଶକ୍ତି ବଳରେ କଠିନରୁ କଠିନ ବାଧାବିଘ୍ନକୁ ସହି ମୁଁ ମୋ ଲକ୍ଷ୍ୟ ପଥରେ ଆଗେଇ ଚାଲିଥିଲି। ଆଉ ଯେଉଁଥିପାଇଁ ପ୍ରଥମ ଥରରେ ହିଁ ଓଏଏସ୍ ପରୀକ୍ଷା ଦେଇ ସେଥିରେ ସଫଳତା ହାସଲ କଲି। କିଛିଦିନ ଟ୍ରେନିଂ ପିରିୟଡ୍‌ରେ ରହିଲି। ଟ୍ରେନିଂ ସମୟରେ ୭,୫୦୦ ଟଙ୍କା ମୋତେ ପାରିଶ୍ରମିକ ମିଳିଲା। ବିଭିନ୍ନ ପାଠ୍ୟପୁସ୍ତକ ପଢ଼ିବାର ଖୁବ୍ ସଉକ ଥିଲା ମୋର। କିନ୍ତୁ ପାଖରେ ନିଜର ବୋଲି କିଛି ବହି ନ ଥିଲା। ସବୁବେଳେ ମାଗି ଯାଚି ପାଠ ପଢ଼ିଥିଲି। ତେଣୁ ଯେବେ ପ୍ରଥମ ପାରିଶ୍ରମିକ ପାଇଲି, ସେଥିରେ କିଛି ବହି ଆଉ ସେହି ବହିକୁ ରଖିବାକୁ ବ୍ୟାଗ୍‌ଟିଏ କିଣିଥିଲି। ବାକି ଯାହା ଟଙ୍କା ବଳିଥିଲା, ସବୁ ନେଇ ମୋ ମା' ହାତରେ ଦେଇ ଦେଇଥିଲି। ଟ୍ରେନିଂ ସରିବା ପରେ ୧୯୯୯ ମସିହାରେ ଆସିଷ୍ଟାଣ୍ଟ ସେଟଲ୍‌ମେଣ୍ଟ ଅଫିସର୍ ଭାବେ ଢେଙ୍କାନାଳରେ ମୋର ପ୍ରଥମ ପୋଷ୍ଟିଂ ହୋଇଥିଲା। ପରେ ଟ୍ରାନ୍ସଫର୍ ହୋଇ ଛତ୍ରପୁରରେ ଡେପୁଟି କଲେକ୍ଟର ଭାବେ କିଛିଦିନ, ତା'ପରେ ବିରିଡି ଜଗତ୍‌ସିଂହପୁରରେ ଆଡିଶନାଲ ତହସିଲଦାର, ରାଜନଗର ତହସିଲରେ ତହସିଲଦାର, ଯାଜପୁର କଲେକ୍ଟୋରେଟ୍‌ରେ ଲିଭ୍ ରିଜର୍ଭ ଅଫିସର୍, ବଡ଼ସାହି ମୟୂରଭଞ୍ଜ, ଖଇରା,ଜଳେଶ୍ୱର ବାଲେଶ୍ୱର, ତାଳଚେର, ଗଁନ୍ଦିଆ ଢେଙ୍କାନାଳରେ ବିଡିଓ ଭାବେ ମଧ୍ୟ କାମ କରିଥିଲି। ଆଉ ଏବେ ପଦୋନ୍ନତି ପାଇ ମୟୂରଭଞ୍ଜର ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟରତ। ଅଭିଯୋଗକାରୀମାନେ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ିବା ମୋତେ ଆଦୌ ଭଲ ଲାଗେ ନାହିଁ। ତେଣୁ ଯଥାଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାରେ ମୁଁ ଲାଗିପଡ଼େ। ପ୍ରାକୃତିକ ବିପର୍ଯ୍ୟୟ ହେଉ କି ପ୍ରଶାସନିକ ଦାୟିତ୍ୱ ସବୁକିଛିକୁ ସୁଚାରୁ ରୂପେ ତୁଲାଇବାରେ ମୋର ଚେଷ୍ଟା ସର୍ବଦା ଜାରି ରହିଥାଏ। ଦୀନଦୁଃଖୀଙ୍କ ଆପତ୍ତି ଅଭିଯୋଗକୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦେଇଥାଏ। ମୋର ଏହି କର୍ତ୍ତବ୍ୟପରାୟଣତାକୁ ଦେଖି କିଛି ଲୋକ ମୋତେ 'ପିପୁଲ୍ସ ବିଡିଓ' ବୋଲି ବି କହୁଥିଲେ। ସେଥିପାଇଁ ଗୋଟେ ଗରିବ ପରିବାରରୁ ଆସି ପ୍ରଶାସନିକ ସେବାରେ ନିୟୋଜିତ ହୋଇ ରାଜ୍ୟବାସୀଙ୍କୁ ସେବା ଯୋଗାଇବାରେ ସଫଳ ହୋଇପାରିଛି ବୋଲି ମୁଁ ନିଜକୁ ଧନ୍ୟ ମଣେ। ତା'ସହିତ ମୋର ଏହି କର୍ତ୍ତବ୍ୟ ପଥରେ ଧର୍ମପତ୍ନୀ ନନ୍ଦିନୀ ଓ ପୁତ୍ର ନୀତୀଶ ଶାଶ୍ୱତଙ୍କର ମଧ୍ୟ ପୂର୍ଣ୍ଣ ସହଯୋଗ ରହିଥିବାରୁ ତାଙ୍କୁ ସାଧୁବାଦ ଦିଏ। ଆଉ ଶେଷରେ 'କଠୋର ପରିଶ୍ରମ, ନିଷ୍ଠା ଓ ଦୃଢ଼ ସଙ୍କଳ୍ପ ଦ୍ୱାରା ସଫଳତା ଅର୍ଜନ କରିହେବ' ବୋଲି ଆଜିର ଛାତ୍ର ସମାଜକୁ ଗୋଟେ ବାର୍ତ୍ତା ଦେବାକୁ ଚାହେଁ।

–ନୀଳାଦ୍ରୀ ବିହାରୀ ଦଣ୍ଡପାଟ

# ଅଳପ ହସକୁ ବାଙ୍କ ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ

## ସାଥୀ



**ପ୍ରଶ୍ନ–**ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି? –*ସୁରଜ କୁମାର ସାହୁ, କଟକ*

**ଉତ୍ତର:** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡ଼ା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ଅଳପ ହସକୁ ବାଙ୍କ ଚାହାଣୀ, ସେଇଠୁ ଆରମ୍ଭ ପ୍ରେମ କାହାଣୀ।' ଯଦି ମନର ମାନସୀ ପଟରୁ ସିଗନାଲ୍ ଗ୍ରୀନ୍ ରହିଛି ତା'ହେଲେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ? –*ତପନ କୁମାର, ରେଢ଼ାଖୋଲ*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–**ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ? –*ରାକେଶ ମହାନ୍ତି, ଭୁବନେଶ୍ୱର*

**ଉତ୍ତର:**ବୋଧହୁଏ ସେ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–**ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡ଼ିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡ଼ିବ। ଏବେ ମୁଁ କ'ଣ କରିବି ? –*ବିକ୍ରମ ନାୟକ, ଅନୁଗୋଳ*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ୟୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ, ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଆଉ କାହା ସହିତ ଫୁର୍ କିନା ଉଡ଼ିଯିବେ।

**ପ୍ରଶ୍ନ–**ମୋ ପ୍ରେମିକା ମୋତେ କଥା ଦେଇ ଯାଇଥିଲା ଯେ ସେ ଫେରି ଆସିବ। ହେଲେ ଦିନ ପରେ ଦିନ ଗଡି ଚାଲିଛି। ଅପେକ୍ଷା କରି କରି ମୁଁ ଧୈର୍ଯ୍ୟହରା ହୋଇଗଲିଣି। କ'ଣ କରିବି ? –*ତୋଫାନ, ରାଉରକେଲା*

**ଉତ୍ତର:** ଆପଣଙ୍କ ପ୍ରେମିକା ଆପଣଙ୍କୁ କଥା ଦେଇ ଯାଇଛି ଯେ ସେ ଫେରି ଆସିବ, ହେଲେ ଆସୁନାହିଁ। ଏପଟେ ଆପଣ ବି ଧୈର୍ଯ୍ୟର ସହ ତାକୁ ଅପେକ୍ଷା କରିଛନ୍ତି। କିନ୍ତୁ ସବୁ ଅପେକ୍ଷାର ସୀମା ଥାଏ। ତେଣୁ ତାକୁ ଆହୁରି ଅପେକ୍ଷା କରିବେ ନା ସେପରି ପ୍ରେମର ଯବନିକା ଟାଣି ଦେବେ ତାହା ଆପଣଙ୍କ ଉପରେ ନିର୍ଭର କରେ।




# ଟେରାକୋଟା ପାଇଁ ପରିଚୟ



**ସେ** ଜଣେ ଏମିତି ଶିଳ୍ପୀ, ଯେକି ତାଙ୍କ ହସ୍ତଶିଳ୍ପ କଳାରେ କୌଣସି ନିର୍ଦ୍ଦିଷ୍ଟ କାହାଣୀକୁ ସ୍ଥାନ ନ ଦେଇ ବରଂ ଯେତେବେଳେ ଯାହାକିଛି ଘଟଣା ତାଙ୍କ ମନକୁ ଛୁଇଁ ସେ ସେଥିରେ ରୂପ ଦିଅନ୍ତି। ନିଜର ଆବେଗ ମାନସିକ ସମ୍ପର୍କିତ ଅନ୍ତଃସ୍ୱରକୁ ସେ ଏଥିରେ ବର୍ଣ୍ଣନା କରିବାର ପ୍ରୟାସ କରିଥାନ୍ତି। ଏପରି କି ଗ୍ରାମୀଣ ଲୋକଙ୍କ ଚାଲିଚଳଣ ତାଙ୍କ ଚିତ୍ରକଳାରେ ସ୍ଥାନ ପାଉଥିବାର ଦେଖିବାକୁ ମିଳେ। ଏମିତିରେ ଦୀର୍ଘ ୨୩ ବର୍ଷରୁ ଅଧିକ ସମୟ ଧରି ସେ ଶିଳ୍ପୀ ସାଧନାକୁ ଜାରି ରଖିଛନ୍ତି। ଏଥିପାଇଁ ନୂଆଗାଁଠାରେ ତାଙ୍କର ରହିଛି ଏକ ଟେରାକୋଟା ୱାର୍କଶପ୍ । ଏଠାରେ ସେ ପ୍ରତିଦିନ ତିଆରି କରନ୍ତି ଟେରାକୋଟାର ବିଭିନ୍ନ କଳାକୃତି। ବିଶେଷକରି ମୋରାଲ ଆର୍ଟ ପ୍ରତି ସେ ଅଧିକ ଆଗହୀ । ତାଙ୍କ ହାତଗଢ଼ା ହସ୍ତକଳା ଓଡ଼ିଶାର ଏକାଧିକ ନାମୀଦାମୀ ହୋଟେଲରେ ସ୍ଥାନ ପାଇଛି। ତାଙ୍କ ପ୍ରତିଭାକୁ ଅନେକ ସମ୍ମାନ ଓ ପୁରସ୍କାର ମିଳିଛି। ସେ ହେଲେ ଟେରାକୋଟା ଶିଳ୍ପୀ **ଅଜୟ ପ୍ରତାପ ଜଗଦ୍ଦେବ**। ମା' ଅହଲ୍ୟା ଜଗଦ୍ଦେବ, ପିତା ଦାଶରଥି ଜଗଦ୍ଦେବ । ଘର ଖୋର୍ଦ୍ଧା ଜିଲାର ମଳିପଡ଼ା ଗ୍ରାମରେ। ସେ କୁହନ୍ତି, 'ମୋ ବାପା ଜଣେ ସୈନିକ ଥିଲେ। ମୁଁ ପିଲାଦିନେ ସ୍କୁଲରେ ଚିତ୍ର ଆଙ୍କୁଥିଲି। ମାଟିରେ ବିଭିନ୍ନ ପଶୁପକ୍ଷୀ, ଫୁଲଫଳର ଆକୃତି ଓ ଦେବଦେବୀଙ୍କ ମୂର୍ତ୍ତି ଗଢୁଥିଲି । ଡ୍ରଇଂ କାଗଜ ଉପରେ ସବୁଜପତ୍ର ଓ ରଙ୍ଗିନି ଫୁଲରେ ଅଠା ଲଗାଇ ସଜାଉଥିଲି। ଅଙ୍କନ କରିଥିବା ମୋ ହାତତିଆରି ଚିତ୍ରଗୁଡ଼ିକୁ ନେଇ ଘର କାନ୍ଥରେ ଲଗାଉଥିଲି। ମଳିପଡ଼ା ହାଇସ୍କୁଲରେ ୧୦ମରେ ପଢୁଥିବାବେଳେ ପାଠପଢ଼ା ଅପେକ୍ଷା ମୂର୍ତ୍ତି ତିଆରିରେ ଅଧିକ ସମୟବିତୁଥିଲା। ପରେ ହସ୍ତକଳାରେ ଶିକ୍ଷାନେବା ପାଇଁ ଭୁବନେଶ୍ୱର ଚାଲିଆସିଲି। ପୋଡ଼ାମାଟି ହସ୍ତଶିଳ୍ପ କଳାକୃତିକୁ ଅନୁଧ୍ୟାନ କଲି। ୨୦୦୧ ମସିହାଠାରୁ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଫର ଡେଭଲପମେଣ୍ଟ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟରେ ଟ୍ରେନିଂ ନେଇସାରିଛି। ପ୍ରଥମେ ୩ବର୍ଷିଆ ବେସିକ କୋର୍ସ ଏବଂ ପରେ ୧ ବର୍ଷିଆ କୋର୍ସ ତାଲିମ ପାଇଛି। ତା'ପରେ ଏଠାରୁ ହିଁ ବିଧିବଦ୍ଧ ଭାବେ ହସ୍ତଶିଳ୍ପୀ ଜୀବନ ଆରମ୍ଭ ହୋଇଥିଲା। ଗୁରୁ ରବୀନ୍ଦ୍ର କୁମାର ଚମ୍ପତି ମୋତେ ପୋଡ଼ା ମାଟିର କଳାକୃତି ଶିକ୍ଷା ଦେଇଥିଲେ। ଏହି କଳା ମୋତେ ବହୁତ ଉତ୍ସାହିତ କରିଥିଲା। ମୋ ବଡ଼ଭାଇ ମଧ୍ୟ ଜଣେ ଭଲ ଚିତ୍ରଶିଳ୍ପୀ, ତାଙ୍କ ଠାରୁ ମଧ୍ୟ ଚିତ୍ରକଳା ଶିଖିଛି। ସମୟକ୍ରମେ ସରକାରୀସ୍ତରରେ ଯୁବତୀଯୁବକମାନଙ୍କୁ ଟେରାକୋଟା ତାଲିମ ଦେବାପାଇଁ ସୁଯୋଗ ମିଳିଛି। ଏମିତିରେ ପ୍ରାୟ ୧୫ବର୍ଷ ହେଲାଣି ସରକାରଙ୍କ ତରଫରୁ ଗ୍ରାମାଞ୍ଚଳରେ ଟେରାକୋଟା କଳାକୃତି ତିଆରି ପାଇଁ ପ୍ରାୟ ଶତାଧିକ ଟେରାକୋଟା ହସ୍ତଶିଳ୍ପ ୱାର୍କଶପରେ ଅନେକ ପୁଅ ଝିଅଙ୍କୁ ଟ୍ରେନିଂ ଦେଇସାରିଲିଣି । ରାଜ୍ୟ ବାହାରେ ପୁଣେ, ଦିଲ୍ଲୀ, ରାଜସ୍ଥାନ ଆଦି ବିଭିନ୍ନ ସ୍ଥାନରେ ଟେରାକୋଟା ହସ୍ତକଳାରେ ଯୋଗଦେଇ ବିଭିନ୍ନ କଳାକୃତି ପ୍ରଦର୍ଶନ କରିସାରିଛି। ଓଡ଼ିଶାର ବିଭିନ୍ନ ନାମୀଦାମି ହୋଟେଲରେ ମୋ ଟେରାକୋଟା କଳାକୃତି ସ୍ଥାନ ପାଇଛି। ଟେରାକୋଟାରେ ଷ୍ଟୋରି ୱାର୍କ ଭାବେ ରଥଯାତ୍ରା, ରାଧାକୃଷ୍ଣ ଲୀଳା, ବୋଇତବନ୍ଦାଣ, କନ୍ଦର୍ପ ହାତୀ ଆଦି କରିଛି। ଟେରାକୋଟାର ଯେଉଁ ସବୁ ଆର୍ଟ କରିଥାଏ, ତାହା ଘର କାନ୍ଥରେ ଲାଗିଥାଏ। ଟେରାକୋଟାରେ ଧାରାବାହିକ ଭାବେ ଟ୍ରାଇବାଲ ଆର୍ଟ ମଡ଼ର୍ଣ୍ଣଆର୍ଟ ଆଦି କଳାକୃତି ତିଆରି କରିଛି। ଟେରାକୋଟାର କଳାକୃତିଟିଏ ତିଆରି କରିସାରିବା ପରେ ମୋତେ ବହୁତ ଖୁସି ଲାଗେ। ଯେତେବେଳେ ଏହା ମୋ ପାଖରୁ ଚାଲି ଯାଏ ବହୁତ ଦୁଃଖଲାଗେ। ହଁ କଳାକୃତି କେମିତି ଲୋକଙ୍କୁ ବେଶି ସୁନ୍ଦର ଦେଖାଯିବ ସେଥିପ୍ରତି ସବୁବେଳେ ନଜର ଦେଇଥାଏ। ଗୋଟିଏ ଆର୍ଟ କରିବା ପୂର୍ବରୁ ସବୁବେଳେ କିପରି ନୂଆ କିଛି କରିପାରିବି ସେଥିପାଇଁ ଚିନ୍ତା କରିଥାଏ। ମୋର ଏହି ହସ୍ତଶିଳ୍ପ କାମରେ ଧର୍ମପତ୍ନୀ ସର୍ମିଳା ଜଗଦ୍ଦେବ ସହଯୋଗ କରିଥାନ୍ତି। କାରଣ ସେ ଜଣେ ଟେରାକୋଟା ଶିଳ୍ପୀ । ମୋର ଏହି କଳାକାରିଗରି କାମରେ ଅନେକ ବାଧାବିଘ୍ନ ଆସିଛି, ମାତ୍ର ଭାଙ୍ଗିପଡ଼ିନାହିଁ । ମୋ ଭାଇ ଏହି କ୍ଷେତ୍ରପ୍ରତି ଉତ୍ସାହିତ କରିଥାନ୍ତି। ଏଥିରେ ମୋର ଭିନ୍ନ ପରିଚୟ ସୃଷ୍ଟି ହୋଇପାରିଛି। ମୋର ଏହି ହସ୍ତଶିଳ୍ପ ପ୍ରତିଭା ପାଇଁ ରାଜ୍ୟ ସରକାରଙ୍କ ହସ୍ତ ଓ କୁଟିରଶିଳ୍ପ ନିର୍ଦ୍ଦେଶାଳୟ, କଳିଙ୍ଗ ସାଂସ୍କୃତିକ ଓ ଐତିହ୍ୟ ସୁରକ୍ଷା ମଞ୍ଚ, ଖୋର୍ଦ୍ଧା ମହୋତ୍ସବ ଏବଂ ରାଜ୍ୟ ଲଳିତକଳା ଏକାଡେମୀରୁ ବହୁ ସମ୍ମାନ ଓ ପୁରସ୍କାର ମିଳିଛି। ତେବେ ଟେରାକୋଟା କଳାକୃତିର ଲୋକପ୍ରିୟତା ଦିନକୁ ଦିନ ବୃଦ୍ଧିପାଉଥିବା ବେଳେ ଏହି କଳା ପ୍ରତି ନୂତନ ପିଢ଼ିଙ୍କ ଆଗ୍ରହ ବଢୁଛି। ବିଭିନ୍ନ ମେଳା ଉତ୍ସବରେ ବିକ୍ରି ହେଉଥିବା ଏହି ହସ୍ତକଳା ଆମ ରାଜ୍ୟର କଳା କାରିଗରି କ୍ଷେତ୍ରରେ ସୁନାମ ଆଣିଛି। ଦେଶ ବିଦେଶରେ ଓଡ଼ିଶାର କଳାସଂସ୍କୃତି କଥା ପ୍ରଚାର ପ୍ରସାର ଯୋଗୁ ଏହି କଳାର ଭିନ୍ନ ପରିଚୟ ସୃଷ୍ଟି ହୋଇଛି।





**-ବନବିହାରୀ ବେହେରା**

# ସୋନାଲିଙ୍କ ରଙ୍ଗତୂଳୀର ଦୁନିଆ



**ସ୍କୁଲ** ବୟସରୁ ସେ ଚିତ୍ର ଅଙ୍କନ କରିବାକୁ ଖୁବ୍ ଭଲ ପାଉଥିଲେ । ଭବିଷ୍ୟତରେ ଜଣେ ଚିତ୍ରଶିଳ୍ପୀ ହେବାର ସ୍ୱପ୍ନ ଦେଖିଲେ । ସମୟକ୍ରମେ ତାଙ୍କ ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି। ସେ ହେଲେ ଚିତ୍ରଶିଳ୍ପୀ **ସୋନାଲି ନାୟକ**। ମାତା ନଳିନୀ ନାୟକ ଓ ପିତା ବ୍ରଜକିଶୋର ନାୟକ । ଘର ଯାଜପୁର ଜିଲାର ବଡ଼ଚଣା ଗ୍ରାମରେ।

ସେ କୁହନ୍ତି, 'ପିଲାଦିନେ ମୋତେ ପ୍ରକୃତିର ନାନା ଦୃଶ୍ୟ ଦେଖିବାକୁ ଭଲ ଲାଗୁଥିଲା। ସେ ସବୁକୁ ଚିତ୍ରରେ ଅଙ୍କନ କରୁଥିଲି। ପରେ ଏହି କ୍ଷେତ୍ରରେ ପାଠ ପଢିବାକୁ ମନ ବଳାଇଥିଲି। ସ୍କୁଲର ପ୍ରୋଜେକ୍ଟ ପାଇଁ ବିଭିନ୍ନ ପଶୁପକ୍ଷୀ ଚିତ୍ର ଆଙ୍କିବାରେ ମା' ସାହାଯ୍ୟ କରୁଥିଲେ । ସେବେଠୁ କଳା ପ୍ରତି ଆକର୍ଷିତ ହୋଇଥିଲି। କଲେଜରେ ଯୋଗଦେବା ଆଗରୁ ଅନେକ ପୋର୍ଟ୍ରେଟ ଅଭ୍ୟାସ କରୁଥିଲି। କଲେଜରେ ଯୋଗ ଦେବା ପରେ ଭାସ୍କର୍ଯ୍ୟ କଳା ବିଭାଗରେ ଯୋଗ ଦେଇ ଅନେକ ଟେରାକୋଟା କାମ ଓ ପଥର ମାଧ୍ୟମରେ ପ୍ରକୃତି ଓ ମଣିଷର ସମ୍ବନ୍ଧ ସମ୍ପର୍କରେ ନିଜର ଭାବନା ବ୍ୟକ୍ତ କରିଛି। ମୁଦ୍ରଣ କଳା ବିଭାଗରେ ମଧ କାମ କରେ। ୟୁୟୁସିରେ ଆୟୋଜିତ ଅଙ୍କୁର-୨ରେ ଯୋଗ ଦେଇଥିଲି। ୪୧ ତମ ରାଜ୍ୟ ଲଳିତ କଳା ଚିତ୍ର ପ୍ରଦର୍ଶନୀରେ ଯୋଗଦେବାର ସୁଯୋଗ ପାଇଛି। ଆଇନା ଦ୍ୱାରା ଆୟୋଜିତ ଏକ ଚିତ୍ରକଳା ଶିବିରରେ ମଧ ଯୋଗଦାନ ଦେଇଛି। ଅଧୀର କୁମାର ଜେନା ମେମୋରିଆଲ ଆୱାର୍ଡ ପାଇଛି। ପ୍ରକୃତି ଓ ମନୁଷ୍ୟର ସମ୍ବନ୍ଧ ସମ୍ପର୍କରେ ସମାଜକୁ





ପଥର ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିବାକୁ ଚେଷ୍ଟା କରେ। ପଥର ଓ ବିଭିନ୍ନ ପ୍ରାକୃତିକ ସାମଗ୍ରୀକୁ ନେଇ କାମ କରିବାକୁ ପ୍ରୟାସ କରେ। ବର୍ତ୍ତମାନ ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ୪ର୍ଥ ବର୍ଷର ଛାତ୍ରୀ। ମୋ ମତରେ ଭଗବାନ ଦୁନିଆର ସବୁଠାରୁ ବଡ଼ଶିଳ୍ପୀ । ସେ ପୃଥିବୀ ସୃଷ୍ଟି କରିଛନ୍ତି। ତା' ଭିତରେ ବିଭିନ୍ନ ଜଗତ ରହିଛି। ସେ ସବୁକୁ ଚିତ୍ରରେ ସ୍ଥାନ ଦେବାକୁ ପ୍ରୟାସ କରିଥାଏ। ପୁଣି ମଣିଷ ସହିତ ପ୍ରକୃତିର କିପରି ସମ୍ପର୍କ ରହିଛି, ତାହା ମୋ ଚିତ୍ରରେ ଦୃଷ୍ଟିଗୋଚର ହୁଏ। ଏହି ହସ୍ତଶିଳ୍ପ କଳା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ନିଜକୁ ବହୁତ ଗୌରବାନ୍ୱିତ ମନେକରେ।




## ହାଃ ହାଃ

### ଚପଲ

ଯୁବକ ଯୁବତୀକୁ: ଆଇ ଲଭ୍ ୟୁ..
ଯୁବତୀ: ମୋ ସାଣ୍ଡେଲ ସାଇଜ୍ ଜାଣିଛୁ ତ ?
ଯୁବକ: ଆଇ ଲଭ୍ ୟୁ କହୁ କହୁ ଫର୍ମାଇସ୍ ଆରମ୍ଭ ହୋଇଗଲା ! ହଉ କୁହ, ସାଇଜ୍ କେତେ । ମୁଁ ଭଲ ସାଣ୍ଡେଲ ଆଣିଦେବି ।

### ରାଣୀ

ସ୍ତ୍ରୀ ସ୍ୱାମୀଙ୍କୁ: ତମେ ମୋ ସହ ବିଶ୍ୱାସଘାତ କରିଛ ।
ସ୍ୱାମୀ: କାଇଁ, ଏମିତି କ'ଣ ହେଲା ଯେ ମତେ ଏତେ ବଡ଼ କଥା କହୁଛ ?
ସ୍ତ୍ରୀ: ତମର ରାଣୀ ନାଁରେ ଆଉ ଗୋଟେ ସ୍ତ୍ରୀ ଅଛି ବୋଲି ବାହାଘର ପୂର୍ବରୁ କହି ନ ଥିଲ କାହିଁକି ?
ସ୍ୱାମୀ: ମୁଁ ତ କହିଥିଲି ।
ସ୍ତ୍ରୀ: କେବେ, କାହାକୁ କହିଥିଲ ?
ସ୍ୱାମୀ: ଯାଅ ତମ ବାପାଙ୍କୁ ପଚାର, ମୁଁ ତାଙ୍କୁ କହିଥିଲି ନା ନାଇଁ ଯେ – ମୁଁ ଆପଣଙ୍କ ଝିଅକୁ 'ରାଣୀ' ଭଳି ରଖିବି ବୋଲି ।

### ବାଧ

ଇନ୍ସପେକ୍ଟର ବ୍ୟକ୍ତିକୁ: ଏତେ ମଦ କାହିଁକି ପିଇଲୁ ?
ବ୍ୟକ୍ତି: ବାଧ ହୋଇକି ପିଇଥିଲି ।
ଇନ୍ସପେକ୍ଟର: ବାଧ ! କ'ଣ ପାଇଁ ?
ବ୍ୟକ୍ତି: ମଦ ବୋତଲର ଠିପି ହଜି ଯାଇଥିଲା ପରା ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧, ଫଟୋ ସୌଜନ୍ୟ: **ଓଡ଼ିଶା ଫ୍ୟାଶନ ଭିଲ୍ଲା**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।


# ନେତାଜୀ ଭବନ



ପଶ୍ଚିମବଙ୍ଗର କୋଲକାତାଠାରେ ଥିବା ନେତାଜୀ ଭବନ ହେଉଛି ଏପରି ଏକ ଦର୍ଶନୀୟ ସ୍ଥାନ; ଯେଉଁଠାକୁ ବୁଲିଗଲେ ଆଗନ୍ତୁକ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ବହୁ ଅଜଣା ତଥ୍ୟ, ଫଟୋ, ତାଙ୍କଦ୍ୱାରା ବ୍ୟବହାର କରାଯାଇଥିବା କିଛି ଜିନିଷକୁ ଦେଖିବାର ସୁଯୋଗ ପାଇପାରିବେ...

ପଶ୍ଚିମବଙ୍ଗର କୋଲକାତାଠାରେ ଥିବା ନେତାଜୀ ଭବନ ହେଉଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ପୈତୃକ ନିବାସ। ତଥ୍ୟ ଅନୁଯାୟୀ, ଏହି ନିବାସକୁ ତାଙ୍କ ବାପା ୧୯୦୯ ମସିହାରେ ନିର୍ମାଣ କରିଥିଲେ ; ଯେଉଁଠାରେ ନେତାଜୀଙ୍କର ଅଧିକାଂଶ ସମୟ ବିତିଥିଲା। ସେଥିପାଇଁ ପରବର୍ତ୍ତୀ ସମୟରେ ଏହି ଭବନକୁ ନେତାଜୀଙ୍କ ସ୍ମୃତିରେ ଏକ ସଂଗ୍ରହାଳୟର ପରିଚିତି ମିଳିଛି।

ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ରହିଥିବା ଗୁରୁତ୍ୱପୂର୍ଣ୍ଣ ଅବଦାନକୁ କିଏ ବା ନ ଜାଣେ। ଖାସ୍ ସେହି କଥାକୁ ମନେ ରଖିବାକୁ ଦେଶର ବିଭିନ୍ନ ସ୍ଥାନରେ ନେତାଜୀଙ୍କ ସ୍ମୃତିରେ ଗଢାଯାଇଛି ଅନେକ ସଂଗ୍ରହାଳୟ। ତନ୍ମଧ୍ୟରୁ ଏହି ନେତାଜୀ ଭବନଟି ହେଉଛି ଅନ୍ୟତମ ; ଯାହାକି ବର୍ତ୍ତମାନ ନେତାଜୀ ରିସର୍ଚ୍ଚ ବ୍ୟୁରୋର ମୁଖ୍ୟାଳୟ ଭାବେ କାର୍ଯ୍ୟ କରୁଛି।




### କ'ଣ ଦେଖିବେ

ଏହି ଭବନ ବା ସଂଗ୍ରହାଳୟକୁ ବାହାରୁ ଦେଖିଲେ ଲାଗିବ ସତେ ଯେମିତି ଏହା ଏକ ପାରମ୍ପରିକ ବଙ୍ଗାଳୀ ନିବାସ। କିନ୍ତୁ ଭିତରକୁ ପ୍ରବେଶ କରିବା ମାତ୍ରେ ଅନୁଭବ ହେବ ସତେ ଯେମିତି ଆମେ ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟକୁ ଚାଲି ଆସିଛେ। କାରଣ ଏହି ସଂଗ୍ରହାଳୟର ଭିତର ପାର୍ଶ୍ୱର ସାଜସଜ୍ଜାକୁ ହିଁ ସେମିତି କିଛି ଭିନ୍ନ ରୂପ ଦିଆଯାଇଛି। ଉକ୍ତ ସଂଗ୍ରହାଳୟ ଭିତରକୁ ପ୍ରବେଶ କରିବା ମାତ୍ରେ ନଜର ପଡେ ଏମିତି କିଛି ଜିନିଷ ଉପରେ ; ଯାହାକୁ ସୁଭାଷ ବୋଷ ହୁଅନ୍ତୁ କି ତାଙ୍କ ପରିବାରର ଅନ୍ୟ କୌଣସି ସଦସ୍ୟ କେବେ ନା କେବେ ବ୍ୟବହାର କରିଥିବେ। ଯେମିତିକି ସୁଭାଷ ବୋଷଙ୍କ ଦ୍ୱାରା ବ୍ୟବହାର କରାଯାଇଥିବା ଏକ କାର୍ ଏହି ଭବନର ପ୍ରାଙ୍ଗଣରେ ଥିବାର ଦେଖିବାକୁ ମିଳେ। ତା'ସହିତ ନେତାଜୀଙ୍କ ଜୀବନ ସହିତ ଜଡିତ ଥିବା ଅନେକ ଲେଖା, ଦସ୍ତାବିଜ୍, ଫଟୋ, ଚିଠି ଆଦିକୁ ବି ଆଗନ୍ତୁକ ଏଠାରେ ଦେଖିପାରିବେ। ତଥ୍ୟ ଅନୁଯାୟୀ, ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହି ଭବନରେ କୁଆଡ଼େ ନେତାଜୀଙ୍କ ନେତୃତ୍ୱରେ ଅନେକ ବୈଠକର ଆୟୋଜନ କରାଯାଉଥିଲା। ସେ ସମ୍ପର୍କିତ ଅନେକ ତଥ୍ୟ ବି ଏହି ସଂଗ୍ରହାଳୟରେ ସାଇତିକି ରଖାଯାଇଥିବାର ଦେଖିପାରିବେ। କେବଳ ସେତିକି ନୁହେଁ, ସୁଭାଷ ବୋଷ ଓ ତାଙ୍କ ପରିବାର ଲୋକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଅନେକ ଆସବାବପତ୍ର ବି ଏହି ସଂଗ୍ରହାଳୟରେ ରହିଛି। ଏହାଛଡ଼ା ଏକ ପାଠାଗାର ଏବଂ ସଭାଗାର ବି ଏଠାରେ ରହିଛି ; ଯାହାକୁ ପର୍ଯ୍ୟଟକ ବୁଲି ଦେଖିବା ସହ ଅନେକ ତଥ୍ୟ ମଧ୍ୟ ସାଉଁଟି ପାରିବେ।





### ବିଶେଷ ପ୍ରଦର୍ଶନୀ

ଏହି ସଂଗ୍ରହାଳୟରେ କେବଳ ନେତାଜୀଙ୍କର ବ୍ୟକ୍ତିଗତ ବସ୍ତୁ, ପେଣ୍ଟିଂ ତଥା ଫଟୋକୁ ପ୍ରଦର୍ଶିତ କରାଯାଇନାହିଁ, ଭାରତର ଇତିହାସ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ମଧ୍ୟ ଏଠାରେ ସ୍ୱତନ୍ତ୍ରଭାବେ ପ୍ରଦର୍ଶିତ କରାଯାଇଛି ; ଯାହା ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ନିଆରା ଅନୁଭୂତି ପ୍ରଦାନ କରିଥାଏ।

### ଜାଣିବା କଥା

ସୂଚନାନୁଯାୟୀ, ସୋମବାରକୁ ଛାଡି ବାକି ଦିନମାନଙ୍କରେ ଉକ୍ତ ସଂଗ୍ରହାଳୟଟି ଆଗନ୍ତୁକଙ୍କ ନିମନ୍ତେ ଖୋଲା ରହିଥାଏ। ପ୍ରବେଶ କରିବା ପାଇଁ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟିବାକୁ ପଡେ। କ୍ୟାମେରା ହେଉ ଅବା ଭିଡ଼ିଓ କ୍ୟାମେରାକୁ ସାଙ୍ଗରେ ନେବା ପାଇଁ ଅନୁମତିର ବ୍ୟବସ୍ଥା ମଧ୍ୟ ଏଠାରେ ରହିଛି। ତା'ସହିତ ପର୍ଯ୍ୟଟକ ଏଠାରେ ଯେପରି ଶାନ୍ତି ଶୃଙ୍ଖଳା ରକ୍ଷା କରି ବୁଲିପାରିବେ ସେଥିପ୍ରତି ବି ବିଶେଷ ଧ୍ୟାନ ଦିଆଯାଇଥାଏ।





# ପ୍ରାଣୀମାନଙ୍କୁ ବ୍ରଶ କରିବାକୁ ପଡ଼େନି କାହିଁକି



**ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପରିଷ୍କାର ପରିଚ୍ଛନ୍ନ ରହିବାର ଆବଶ୍ୟକତା ଥାଏ। ସେଥିମଧ୍ୟରେ ଦାନ୍ତ ସଫା କରିବାର ମହତ୍ତ୍ୱ ତ ବହୁତ ବେଶି। ମଣିଷ ଯଦି ଦାନ୍ତ ବ୍ରଶ ନ କରିବେ ତା'ର ଯତ୍ନ ନ  ନେବେ ତେବେ ଦାନ୍ତ ଶୀଘ୍ର ଖରାପ ହେବା ସହିତ ଶୀଘ୍ର ପଡ଼ିଯିବାର ଆଶଙ୍କା ଥାଏ। ହେଲେ କେବେ ଭାବିଛନ୍ତି କି ପ୍ରାଣୀମାନେ ତ କେବେ ଦାନ୍ତ ଘଷନ୍ତି ନାହିଁ, ତଥାପି ତାଙ୍କ ଦାନ୍ତ କେମିତି ସଫା ଓ ସୁସ୍ଥ ରହେ? ଜାଣନ୍ତୁ ଏହା ପଛର କାରଣ...**

ବେଳେବେଳେ ମନରେ ପ୍ରଶ୍ନ ଉଠେ ପ୍ରାଣୀଙ୍କ ଦାନ୍ତ କ'ଣ ଏତେ ଶକ୍ତ ଯେ, ତା'ର ଯତ୍ନ ନେବାକୁ ପଡ଼େନାହିଁ ? ତାଙ୍କ ଦାନ୍ତ କ'ଣ ଆପେ ସଫା ହୋଇଯାଏ ? ପ୍ରାଣୀଙ୍କ ଦାନ୍ତ ମଣିଷ ଦାନ୍ତ ଭଳି ଖରାପ ହୋଇ ପଡ଼ିଥାଏ ନା ନାହିଁ ? ଏସବୁ ପ୍ରଶ୍ନର ଉତ୍ତର ଜାଣିବା ଲାଗି ଅନେକ ଗବେଷଣା ହୋଇଛି। କିଛି ବିଶେଷଜ୍ଞଙ୍କ ମତରେ ପ୍ରାଣୀଙ୍କ ଦାନ୍ତ ସାଧାରଣତଃ ବହୁତ ମଜଭୁତ ହୋଇଥାଏ। ଆଉ ତାହା ନଷ୍ଟ ହୋଇ ପଡ଼ି ନ ଥାଏ। ଦ୍ୱିତୀୟରେ ପ୍ରାଣୀଙ୍କ ଦାନ୍ତ ମଣିଷ ଦାନ୍ତଠାରୁ କିଛିଟା ଅଧିକ ମଜଭୁତ । ତା'ର ଅର୍ଥ ନୁହେଁ କି ସେମାନଙ୍କ ଦାନ୍ତକୁ ସଫା କରିବାର ଆବଶ୍ୟକତା ନାହିଁ। ତାଙ୍କ ଦାନ୍ତକୁ ସଫା କରିବାର ବି ଆବଶ୍ୟକତା ଥାଏ। ହେଲେ ତାଙ୍କ ଖାଦ୍ୟ ହିଁ ଏମିତି ହୋଇଥାଏ ଯେ, ସେମାନଙ୍କ ଦାନ୍ତ ସ୍ୱତଃ ସଫା ହୋଇଯାଏ। ଅର୍ଥାତ୍ ମଣିଷମାନେ ରନ୍ଧା ଖାଦ୍ୟ ଖାଆନ୍ତି। ତେଣୁ ଦାନ୍ତ ସଫା କରିବାର ଆବଶ୍ୟକତା ଅଧିକ ଥାଏ। ଅନ୍ୟପକ୍ଷେ ପ୍ରାଣୀ ଖାଦ୍ୟକୁ ଅଧିକ ସମୟ ଯାଏ ଚୋବାଇ ଖାଇଥାଆନ୍ତି। ଆଉ ତାଙ୍କର ଅଧିକାଂଶ ଖାଦ୍ୟରେ ଅଧିକ ପରିମାଣର ଫାଇବର ଥାଏ, ଯାହା ତାଙ୍କ ଦାନ୍ତକୁ ପ୍ରାକୃତିକ ଭାବେ ସଫା କରିଥାଏ। ଏହାବାଦ ଅଧିକାଂଶ ପ୍ରାଣୀ ନିଜର ମୁଖ୍ୟ ଆହାର ବାଦ୍ ଅନ୍ୟ ସମୟରେ କିଏ ହାଡ଼ ତ କିଏ ଘାସ, ତାଳପତ୍ର ଚୋବାଇ ଥାଆନ୍ତି ; ଯଦ୍ୱାରା ତାଙ୍କ ଦାନ୍ତ ସଫା ହୋଇଯାଏ।

ଏହାବାଦ ମଣିଷ ଖାଦ୍ୟରେ ଅଧିକ ମାତ୍ରାରେ ଏସିଡ୍, ସୁଗାର୍ ଓ କାର୍ବୋହାଇଡ୍ରେଟ୍ ଥାଏ, ଯାହାକି ଦାନ୍ତ ପାଇଁ କ୍ଷତିକାରକ। ସେଥିପାଇଁ ମଣିଷକୁ ନିଜ ଦାନ୍ତର ଅଧିକ ଯତ୍ନ ନେବା ସହ ସଫା ରଖିବାକୁ  ହୁଏ।

ଅନ୍ୟ ଏକ କଥା ହେଉଛି ମଣିଷର ଜୀବନକାଳ ଲମ୍ବା, ହେଲେ ପ୍ରାଣୀଙ୍କର ଛୋଟ। ତେଣୁ ଦାନ୍ତ ଖରାପ ହୋଇ ଆସିବା ବେଳକୁ ପ୍ରାଣୀଙ୍କର ମୃତ୍ୟୁ ହୋଇଯାଏ। ଅନ୍ୟପକ୍ଷେ ଶାର୍କ ଓ କୁମ୍ଭୀର ଭଳି ପ୍ରାଣୀଙ୍କର ଦାନ୍ତ ତ ଅନେକ ଥର ପଡ଼େ ଓ ସେହି ଜାଗାରେ ନୂଆ ଦାନ୍ତ ଉଠି ବି ଯାଏ। ତେଣୁ ପ୍ରାଣୀଙ୍କୁ ବ୍ରଶ କରିବାକୁ ପଡ଼ି ନ ଥାଏ। ତେବେ ଏକ୍ସପର୍ଟଙ୍କ ମତରେ ଗୃହପାଳିତ ପ୍ରାଣୀଙ୍କ ଦାନ୍ତ କିନ୍ତୁ ସଫା କରିବା ଜରୁରୀ ହୋଇଥାଏ।







# ଅଜବ ସନ୍ତୁଳନ

ଭୂମି ଉପରେ ପାଖାପାଖି ହୋଇ ଦୁଇଧାଡ଼ିରେ ଠିଆ କରି ରଖାଯାଇଥିଲା କାଚର ଖାଲି ବୋତଲ। ଆଉ ସେଇ କାଚ ବୋତଲ ଉପରେ ଜଣେ ବ୍ୟକ୍ତି ପାଦରଖି ରଖି ଗୋଟେ ମୁଣ୍ଡରୁ ଆଉ ଏକ ମୁଣ୍ଡକୁ ଚାଲିଲେ। ତାଙ୍କର ଏଭଳି ସନ୍ତୁଳନ ଦେଖି ସମସ୍ତେ ଚକିତ ହେଇଯାଇଥିଲେ। ଅଜବ ସନ୍ତୁଳନ ରକ୍ଷା କରି କାଚ ବୋତଲ ଉପରେ ଚାଲିଥିବା ଏହି ବ୍ୟକ୍ତି ଜଣକ ହେଉଛନ୍ତି ଜର୍ମାନୀର ଜୋ ଆଲେକ୍ଜାଣ୍ଡାର। ଏକ ମିନିଟରେ ସେ ଧାଡ଼ି ଧାଡ଼ି ହୋଇ ସିଧା ଠିଆ ହୋଇଥିବା ସବୁଠୁ ଅଧିକ ୬୦ଟି ବୋତଲ ଉପରେ ଚାଲି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ନିଜର ନାମକୁ ସାମିଲ କରିଥିଲେ। ଜୋ'ଙ୍କର ଏହି କାରନାମା ଅନେକଙ୍କୁ ସହଜ ଲାଗିପାରେ। ହେଲେ କାଚ ବୋତଲ ଉପରେ ଚାଲିବା ଆଦୌ ସହଜ ନୁହେଁ। ହାଲ୍କା ଖାଲି କାଚ ବୋତଲ ଉପରେ ଚାଲିବାବେଳେ ବୋତଲ ପଡ଼ିଯିବା ଓ ଭାଙ୍ଗିବାର ଆଶଙ୍କା ଥାଏ। ହେଲେ ଜୋ' ବେଶ୍ ସତର୍କତାର ସହ ସନ୍ତୁଳନ ରକ୍ଷାକରି ଚାଲିଥିଲେ। ଆଉ ରେକର୍ଡ କଲେ।



# ଅସହାୟ ଗଣତନ୍ତ୍ର



## କଥା ଚାଟ୍

– ଓଁ ଅଭିଜ୍ଞାନ ସାହୁ

ଏବେ ବିଭାଜନର ଯୁଗ। ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆମେ ସମସ୍ତେ ଏବେ ନିଜ ନିଜ ଭିତରେ ବିଭାଜିତ। ଧର୍ମ ନାଁରେ, ଜାତି ନାଁରେ, ଭାଷା ନାଁରେ, କଥା ଓ ଚଳଣି ନାଁରେ ଆମେ ସମସ୍ତେ ଭାଗ ଭାଗ। ଏପରିକି ଭଗବାନ ଓ ଦିବଙ୍ଗତ ମହାପୁରୁଷମାନଙ୍କୁ ମତଲବୀ ମଣିଷ ବିଭାଜିତ କରି ସାରିଲାଣି। ମହାମାନବମାନଙ୍କର ତ୍ୟାଗର ପରାକାଷ୍ଠା ନବୁଝି ସେମାନଙ୍କ କାର୍ଯ୍ୟ ପଛରେ ଥିବା ଉଦ୍ଦେଶ୍ୟକୁ ସିବିଆଇ ଭଳି ଶୁଙ୍ଘି ସତ୍ୟାନାଶ କଲେଣି । ସାମ୍ପ୍ରତିକ ରାଜନୈତିକ ମାହୋଲରେ ଦେଶର ଦିବଙ୍ଗତ ମହାପୁରୁଷମାନଙ୍କ ଅବସ୍ଥା ଅଧିକ ଶୋଚନୀୟ। ଦେଶ ସ୍ୱାଧୀନତା ପାଇଁ ଏକାଠି ମିଶି କାମ କରୁଥିବା ମହାପୁରୁଷମାନଙ୍କୁ ଏବେ ବିଭିନ୍ନ ରାଜନୈତିକ ଦଳ ନିଜ ନିଜ ଭିତରେ ବାଣ୍ଟି ନେଇସାରିଲେଣି। ପରସ୍ପର ଭିତରେ ଯୁକ୍ତିତର୍କ କଥା କଟାକଟି ବେଳେ ମହାପୁରୁଷଙ୍କ ବିରୁଦ୍ଧରେ ଅଶାଳୀନ ଟିପ୍ପଣୀ ଦେବାକୁ କେହି ପଛାଉ ନାହାନ୍ତି। ଗୋଟିଏ ଦିନରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଜନ୍ମହୋଇ ଯେଉଁ ଅକ୍ଷମଣୀୟ ପାପ କରିଛନ୍ତି ତା'ର କୁପ୍ରଭାବ ପ୍ରତିବର୍ଷ ଅକ୍ଟୋବର ଦୁଇ ତାରିଖରେ ଦେଖିବାକୁ ମିଳୁଛି। ଅସାମାଜିକ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ସାମାଜିକ ଗଣମାଧ୍ୟମ ଏବେ ଘୃଣା ବାଣ୍ଟିବାର ମୁଖ୍ୟ ଆୟୁଧ। ବଞ୍ଚିଥିଲା ବେଳେ ମହାପୁରୁଷମାନେ ଯାହା ତ ସମ୍ମାନ ପାଇଲେ ତାକୁ ନ କହିବା ଭଲ ହେଲେ ହୀନ ରାଜନୀତି ତାଙ୍କୁ ସ୍ୱର୍ଗରେ ବି ଶାନ୍ତିରେ ରହିବାକୁ ଦେଉନି। କିଏ ଜାଣେ ସ୍ୱର୍ଗରେ ଗାନ୍ଧିଜୀ ଓ ଶାସ୍ତ୍ରୀଜୀ ଏବେ ଗୋଟିଏ ଦଳରେ ଅଛନ୍ତି କି ଦଳ ବଦଳ କରିସାରିଲେଣି ! ଯଦି ଦୈବାତ କେବେ କୌଣସି ମହାପୁରୁଷ ସ୍ୱର୍ଗରୁ ଆସି ଆମ ଦେବଭୂମିରେ ପହଞ୍ଚନ୍ତି ତେବେ ତାଙ୍କୁ ପ୍ରଥମେ ଏହା ପ୍ରମାଣିତ କରିବାକୁ ହେବ ଯେ ସେ କେଉଁ ଦଳର। କେବଳ ମହାପୁରୁଷ କାହିଁକି ପ୍ରାଣୀମାନେ ମଧ୍ୟ ବଣ୍ଟା ସରିଲେଣି। ଅର୍ଥନୀତି, ଜାତିବାଦ, ଦାରିଦ୍ର୍ୟ ଭଳି ଏମାନେ ମଧ୍ୟ ଏବେ ଦେଶର ମୁଖ୍ୟ ପ୍ରସଙ୍ଗ।

'ଖାଲି ଦିମାଗ୍ ସୈତାନ୍ କା ଘର୍' ଭଳି ଖାଲି ବସିଥିବା ବେରୋଜଗାର ଶିକ୍ଷିତ ଯୁବସମାଜ ଓ ତଥାକଥିତ ଅବସରପ୍ରାପ୍ତ ବୁଦ୍ଧିଜୀବୀମାନଙ୍କୁ ବେଶି ସମୟ ଖୋଲା ଛାଡିଲେ ସେମାନେ ଦେଶର ବିଭିନ୍ନ ସମସ୍ୟା କଥା ଭାବିବେ। ଦେଶର ପ୍ରକୃତ ସମସ୍ୟା ବିଷୟରେ ଭାବିବା ପୂର୍ବରୁ ସେମାନଙ୍କୁ ଏପରି କିଛି ଅମୋଦଦାୟକ ଶସ୍ତା କାମରେ ଲଗେଇ ଦିଅ ଯେମିତି ସେମାନେ ସମସ୍ୟା ବିଷୟରେ ପ୍ରଶ୍ନ କରିବାକୁ ଭୁଲିଯିବେ। ଏକଦା କୌଣସି ଏକ ଗାଁରେ ଜଣେ ଜମିଦାର ଥିଲେ। ବଡ଼ ଅତ୍ୟାଚାରୀ ଜମିଦାର ଭାବେ ଲୋକଙ୍କ ଭିତରେ ଥିଲା ପ୍ରବଳ ଅସନ୍ତୋଷ। ଥରେ ଜମିଦାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଲେ ଗାଁରେ ବଢୁଥିବା ବିଭିନ୍ନ ସମସ୍ୟା ପାଇଁ ତାଙ୍କୁ ଦାୟୀ କରି ଗାଁ ଲୋକ ମେଳି କରିବା ଆରମ୍ଭ କଲେଣି। ଜମିଦାର ଚିନ୍ତାରେ ପଡିଲେ ଏବେ କରିବା କ'ଣ ! ଜମିଦାରଙ୍କ ଖାସ ଚାଟୁକାର କହିଲା ଆପଣ ଚିନ୍ତା କରନ୍ତୁ ନାହିଁ ଅନୁମତି ଦେଲେ ଏହାର ଉପାୟ କହିବି। ଜମିଦାରଙ୍କ ଠାରୁ ଅନୁମତି ପାଇ ଚାଟୁକାର କହିଲା ଗାଁରେ ଲୋକଙ୍କୁ ଚାଷବାସ କାମ ପରେ ଅନେକ ଖାଲି ସମୟ ମିଳୁଛି। ଖାଲି ସମୟରେ ଗାଁ ଚଉତରାରେ ବସି ଗପସପ ହେଲା ଭିତରେ ଗାଁ ସମସ୍ୟା କଥା ଉଠୁଛି। ସେମାନଙ୍କୁ ଦିନରାତି ବ୍ୟସ୍ତ ରଖାଯାଉ, ଦେଖିବେ ଗାଁର ମୌଳିକ ସମସ୍ୟା ବିଷୟରେ ଭାବିବାକୁ ସେମାନଙ୍କ ପାଖରେ ସମୟ ନଥିବ। ଜମିଦାରଙ୍କର ଏହି ଉପାୟ ମନକୁ ପାଇଲା। ପରଦିନ ସକାଳୁ ଜମିଦାର ଘୋଷଣା କଲେ ଆଗକୁ ଗାଁରେ କେହି ପୁଚି ଖେଳିପାରିବେ ନାହିଁ। ଘୋଷଣା ନୁହେଁ ତ ଯେମିତି ଶୁଖିଲା ବଜ୍ରପାତ। କିଛି ଲୋକ ସମର୍ଥନରେ ତ କିଛି ଲୋକ ବିପକ୍ଷରେ କହିବାକୁ ଲାଗିଲେ। ପ୍ରମାଣ କରିବାକୁ ଆଉ ଥୋକେ ପୋଥିପତ୍ର ଧରି ବସିଗଲେ। ଜମିଦାରଙ୍କ ଜମିଦାରୀ ଭୁଲି ଲୋକ ନିଜ ନିଜ ଭିତରେ ଝଗଡା କରିବାକୁ ଲାଗିଲେ। ଗାଁର ସବୁଲୋକ ଅସଲ କଥା ଭୁଲି ପୁଚି ଖେଳ ବିଷୟରେ ଆଲୋଚନା କରିବାକୁ ଲାଗିଲେ। ଏ ସବୁ ଦେଖି ଜମିଦାର ଖୁସି ହେଲେ



ଯାହାହେଉ ଉପାୟଟା ଠିକ କାମ ଦେଉଛି। କିଛି ଦିନ ଉତ୍ତାରୁ ପୁଣି ଗୋଟେ ନୂଆ ଘୋଷଣା କରିବା ପାଇଁ ଜମିଦାର ଗୁମାସ୍ତାମାନଙ୍କ ପରାମର୍ଶ ନେଲେ ।

କିଛି ବର୍ଷ ପୂର୍ବରୁ ଏହି ଉପାୟ ବେଶ ସଫଳ ଭାବେ ଦେଶରେ ଆରମ୍ଭ ହୋଇଯାଇଥିଲା। ଏକ ଟେଲିକମ କମ୍ପାନୀ ଗ୍ରାହକଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ଛ'ମାସ ମାଗଣା ଡାଟା ସେବା ଯୋଗେଇଦେଲା। ପୃଥିବୀର କୌଣସି ବିକଶିତ ଦେଶରେ ଏପରି ଯୋଜନା ପ୍ରଥମ। ଏକ ଅନୁସନ୍ଧାନରୁ ଜଣା ପଡିଲା ମାଗଣାରେ ମିଳିଥିବା ଡାଟାର ପ୍ରାୟ ସତୁରୀ ଭାଗ କେବଳ ପର୍ଣ୍ଣ ଦେଖିବାରେ ଖର୍ଚ୍ଚ ହୋଇଛି। ଏକଦା ଇଂରେଜମାନେ ଚୀନ୍ ବାସୀଙ୍କୁ ଅଫିମ ନିଶାସକ୍ତ କରି ଦେଶ ଲୁଟିନେବା ଭଳି ଗୋଟିଏ ଝଟ୍‌କାରେ ଦେଶର ଲକ୍ଷ ଲକ୍ଷ ଯୁବସମାଜକୁ ବିକୃତ ଉଦ୍ଦୀପନାଭିତ୍ତିକ ଭିଡିଓରେ ମସଗୁଲ ରଖି ଉତ୍କଟ ଆର୍ଥିକ ଓ ବେକାରୀ ସମସ୍ୟାରୁ ଯୁବସମାଜଙ୍କ ଦୃଷ୍ଟି ହଟେଇବାରେ ସଫଳ ହେଲେ। କଥାରେ ନାହିଁ, ବାପ ପାଖରେ ପଛେ ନଥାଉ ଟଙ୍କେ ପଞ୍ଚାବନ, ପୁଅ କହୁଛି ମୁଁ ଅମିତାଭ ବଚ୍ଚନ। ଏବେ ପରିସ୍ଥିତି ଠିକ୍ ସେଇୟା। ଘରେ ପଛେ ହାଣ୍ଡି ମାଙ୍କଡ଼ ଚିତ୍ ମାରୁ, ଘରର ଭେଣ୍ଡିଆ ବେରୋଜଗାରିଆ ପୁଅ ରାଜରାସ୍ତାରେ ବିକ୍ଷୋଭ କରୁଛି' ମନ୍ଦିର ହମ୍ ୱହିଁ ବନାଏଙ୍ଗେ'।

ଆଗକୁ ଆସୁଛି ଗଣତନ୍ତ୍ର ଦିବସ। ସାହିତ୍ୟିକ, ଚିତ୍ରକରଙ୍କ ଭଳି ଅନେକ ସର୍ଜନଶୀଳ ପ୍ରତିଭା ଦିନିକିଆ ଦେଶପ୍ରେମରେ ଉବେଇଟୁବେଇ ହେବେ। କବିତାରେ, ଚିତ୍ରରେ, ଭାଷଣରେ, ସାମାଜିକ ଗଣମାଧ୍ୟମରେ ତ୍ରିରଙ୍ଗା ଝଲସିବ। ହେଲେ ଗଣତନ୍ତ୍ରର ବାସ୍ତବ ଚିତ୍ର ଏସବୁରୁ କୋଷେ ଦୂର। ବିଶ୍ୱ ଅର୍ଥନୀତିରେ ଲାଗି ରହିଥିବା ମାନ୍ଦା ଅବସ୍ଥା, ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଙ୍କ ଅନିଶ୍ଚିତ ଭବିଷ୍ୟତ, ବାହ୍ୟରଣରେ ଭାରଗ୍ରସ୍ତ ଅର୍ଥନୀତି ଓ ଦରଦାମ ବୃଦ୍ଧିରେ ଆଜି ସାଧାରଣ 'ଗଣ'ର ଅବସ୍ଥା ଢିଲା। ଏଠି 'ଗଣ' ପାଇଁ 'ତନ୍ତ୍ର' ନାହିଁ, 'ତନ୍ତ୍ର' ଭିତରେ 'ଗଣ' ନାହାଁନ୍ତି। ବଡ଼ ବିଷମ ପରିସ୍ଥିତି ଏବେ ଦେଶରେ। ରାସ୍ତାରେ ଷଣ୍ଢ ଲଢେଇକୁ ଘଣ୍ଟା ଘଣ୍ଟା ଧରି ଉପଭୋଗ କରୁଥିବା ଲୋକଙ୍କ ଭିଡ ଯୋଗୁଁ ଆଗକୁ ଯାଇ ନପାରି ପଛରେ ଅଟକି ରହିଥିବା ଅସହାୟ ଲୋକଟି ଭଳି ଏବେ ସାଧାରଣ 'ଗଣ'ଙ୍କ ଅବସ୍ଥା।

କଥାରେ ଅଛି ଜୋର ଯାର ମୂଲକ ତାର। ଦେଶ ଇତିହାସରେ ବଳ ପାଖରେ ତନ୍ତ୍ର ସବୁବେଳେ ଅସହାୟ ହୋଇଛି। କ୍ଷମତା ବଳରେ କ୍ଷମତାନ୍ଧ ଶାସକ ନିଜ ମୁତାବକ ତନ୍ତ୍ରକୁ ନିୟନ୍ତ୍ରଣ କରୁଛି। ବଳତନ୍ତ୍ର ପାଖରେ ଗଣତନ୍ତ୍ର କିପରି ଅସହାୟ ତାହାର ଜ୍ୱଳନ୍ତ ଉଦାହରଣ ଏ ଦେଶ ସତୁରୀ ଦଶକରେ ପାଇସାରିଛି। ସରକାର ବଦଳିଛି। ନେତା ବଦଳିଛନ୍ତି। ହେଲେ କ୍ଷମତାନ୍ଧଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ହେଇନି। ଆଜି ବ୍ୟବସ୍ଥା, ଧନ, ଶିକ୍ଷା, ପ୍ରଶାସନ ସବୁ ବଳତନ୍ତ୍ର ପାଖରେ ଅନୁରକ୍ତ। ଏପରିକି ଜଗତ ଯାହା ନିର୍ଦ୍ଦେଶରେ ଘୁରୁଛି ସେହି ସର୍ବଶକ୍ତିମାନ ଭଗବାନଙ୍କୁ ଆଜିର ତନ୍ତ୍ରବିତ୍ ନିଜ ସ୍ୱାର୍ଥ ପାଇଁ ଏଠି ସେଠି ଘୁରଉଛନ୍ତି। କେତେବେଳେ ମନ୍ଦିର ଭିତରେ ତ କେତେବେଳେ କୋର୍ଟରେ, କେତେବେଳେ ମସଜିଦ୍ ତଳେ ତ କେତେବେଳେ ପୋଖରୀ ଭିତରେ ଏବେ ଭଗବାନ ଦୃଶ୍ୟମାନ ହେଉଛନ୍ତି। ତାନ୍ତ୍ରିକମାନଙ୍କ ତନ୍ତ୍ରର ଖେଳ ଦେଖ, ପ୍ରଳୟର ଦେବତା ଖୋଦ ଲିଙ୍ଗରାଜ ଆଜକୁ କିଛି ଦିନ ହେଲାଣି ଭୋକ ଉପାସରେ ତ୍ରାହିମାଂ ତ୍ରାହିମାଂ ହେଲେଣି। ତନ୍ତ୍ର ନ ଚାହିଁଲେ ମନ୍ଦିର ଦ୍ୱାର ଖୋଲିବନି। ପୂଜା କଥା ଦୂରେ ଥାଉ। ସର୍ବ ଶକ୍ତିମାନଙ୍କ ଶକ୍ତି ଯେ ବଳତନ୍ତ୍ର ଦ୍ୱାରା ନିୟନ୍ତ୍ରିତ ତଥା ନିଷ୍ପ୍ରଭ ଏହା ଅନେକଥର ପ୍ରମାଣିତ ହୋଇସାରିଲାଣି। ଯେଉଁଠି ଖୋଦ ଭଗବାନ ଅସହାୟ ସେଠି ସାଧାରଣ ଜନତାଙ୍କୁ ଅବା ପଚାରେ କିଏ !

ଆଜିର ଜନସାଧାରଣଙ୍କ ଅବସ୍ଥା ଠିକ ଗାନ୍ଧିଜୀଙ୍କ ତିନି ମାଙ୍କଡ଼ ଭଳି। ଆଖି ଥାଇ ଆମେ ଅନ୍ଧ, କାନ ଥାଇ କାଲ ଓ ପାଟି ଥାଇ ମୁକ। ଅନ୍ୟାୟକୁ ଦେଖି ନ ଦେଖିଲା ପରି ଆଡେଇଯିବା,ଶୁଣି ନଶୁଣିଲା ଭଳି ନିରବ ରହିବା ଓ ବିରୁଦ୍ଧରେ ସ୍ୱର ଉତ୍ତୋଳନ ନ କରିବା ଗଣତନ୍ତ୍ରକୁ ଦୁର୍ବଳ କରିଦିଏ। କୁତ୍ସିତ ରାଜନୀତି, ବିକଳାଙ୍ଗ ବ୍ୟବସ୍ଥା, ଭ୍ରଷ୍ଟ ନେତା, ପ୍ରତିକ୍ରିୟାବିହୀନ ଜନତା ଓ ଲକ୍ଷଭ୍ରଷ୍ଟ ଯୁବସମାଜ ଯେକୌଣସି ଦେଶ ପାଇଁ ବିପଦ। ଜଣେ ଶାସକଙ୍କ ମିଛ ଅହଂ ଗୋଟିଏ ସଭ୍ୟତାର ପତନ ଘଟେଇବାରେ ସକ୍ଷମ। ଇତିହାସର ଏହିପରି ଅନେକ ବିଲୁପ୍ତ ସଭ୍ୟତାର ଭଗ୍ନାଂଶର ପ୍ରମାଣ ଏବେ ମାଟି ତଳେ।

*–ବନମାଳୀ ଭବନ, ଖାନ୍ ନଗର, କଟକ, ମୋ: ୯୪୩୭୦୧୦୭୫୮*


## ସମୀକ୍ଷାୟନ

### ଓଡ଼ିଆ ଶିଶୁକବିତାର ବୈଚିତ୍ର୍ୟ ଓ ବୈଭବ

**– ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନ**

**ପ୍ରକାଶକ–ବିନୋଦ ବିହାରୀ ବିଶୋଇ, କିତାବ ଭବନ, ଆଇଆରସି ଭିଲେଜ, ଭୁବନେଶ୍ୱର–୧୫, ମୂଲ୍ୟ–୨୦୦ଟଙ୍କା**

ପୁସ୍ତକରେ ଶିଶୁ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି। ସେଗୁଡିକ ହେଲା ପ୍ରାକ୍ ସ୍ୱାଧୀନତା କାଳର ଶିଶୁ କବିତା, ସ୍ୱାଧୀନତା ପରବର୍ତ୍ତୀ ଦ୍ୱିଦଶନ୍ଧିର ପାଠ୍ୟପୁସ୍ତକରେ ଶିଶୁ କବିତାରେ ବୈଭବ, ପ୍ରଚଳିତ ପାଠ୍ୟପୁସ୍ତକରେ ଶିଶୁ କବିତାର ବୈବିଧ୍ୟ ଓ ଶେଷଟି ହେଉଛି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଶିଶୁ କବିତା ସଂକଳନ: ଏକ ବିହଙ୍ଗାବଲୋକନ ଆଦିକୁ ନେଇ ଡକ୍ଟର ପ୍ରଧାନ ଆଲୋଚନା କରିଛନ୍ତି। ଉତ୍ତମ ପ୍ରସଙ୍ଗ ଚୟନ, ସରଳ ତଥା କୋମଳ ଭାଷା ସଂଯୋଜନା ଓ ସୁସଂହତ ଶୈଳୀର ପ୍ରୟୋଗ ଦ୍ୱାରା ପୁସ୍ତକଟି ସମୃଦ୍ଧ। ପୁସ୍ତକଟି ଶିଶୁର ଗଠନ ପିପାସା ସହ ଜ୍ଞାନ ପରିସୀମା ବୃଦ୍ଧିରେ ଯେପରି ସହାୟକ ହେବ ସେଥିପ୍ରତି ଲେଖକ ପ୍ରଧାନ ସଚେତନ ତଥା ଯତ୍ନଶୀଳ ।





### ଛାୟାମୂଳ

**ରାଜଲକ୍ଷ୍ମୀ ତ୍ରିପାଠୀ**

**ପ୍ରକାଶକ–ପଶ୍ଚିମା ପବ୍ଲିକେଶନସ୍ ନୟାପଲ୍ଲୀ, ଭୁବନେଶ୍ୱର, ମୂଲ୍ୟ–୧୪୯ଟଙ୍କା**

ଜୀବନକୁ ଦେଖିବାର, ବୁଝିବାପଣର ଆନ୍ତରିକତାରେ ହିଁ ସୃଷ୍ଟି ହୋଇଛି ଛାୟାମୂଳ କବିତା ସଂକଳନ। ଛାୟାମୂଳ ଗୋଟିଏ ଭାବଗର୍ଭକ କବିତା। ଗଛଟି ଜୀବନ ସମ୍ଭାବନାର ପ୍ରତୀକ । ତାକୁ କେହି କାଟେନା, କିମ୍ବା କାଟି ହେବ ନାହିଁ, କାରଣ ତା'ର ଛାୟା ରହିଛି। ସେହି ଛାୟା ତଳେ ରହିଛି ଦୁବ କେରାଏ। ବିଚିତ୍ର ଯୋଗୀଟିଏ ବସିଛି ତା' ତଳେ। ଏ ଛାୟା ଅଛି ବୋଲି ସଂସାର ବଞ୍ଚିଛି । ଏ ଛାୟା ଆଶା ଆଉ ଆଶ୍ୱାସନା । ଗଛ କାଟିଦେଲେ ବି ରହିବ ଏହି ଆଶ୍ୱାସନା, ବିଶ୍ୱାସ ଓ ସମ୍ଭାବନା। ସଂକଳନରେ ସ୍ଥାନୀତ କୋଳାହଳ, ନିଜ ଭିତରେ, ଅବବୋଧ ଓ କାନ୍ଥ ଇତ୍ୟାଦି କବିତା ଉଲ୍ଲେଖଯୋଗ୍ୟ। ପୁସ୍ତକର ପ୍ରାୟ କବିତା ମନକୁ ଛୁଇଁବ। କବୟିତ୍ରୀ ତ୍ରିପାଠୀଙ୍କ କାବ୍ୟିକ ଭବିଷ୍ୟତ ଉଜ୍ଜ୍ୱଳ ଏଥିରେ ସନ୍ଦେହ ନାହିଁ।




### ରାଧାନାନୀ

**ଡ.ଦେବବ୍ରତ ଦାଶ, ପ୍ରକାଶକ–ରତ୍ନଚିରା ପବ୍ଲିକେଶନ୍ସ ପୃଷ୍ଟି ମଲ୍ଟି ମେଡିଆ ପ୍ରାଇଭେଟ୍ ଲିମିଟେଡ୍ ଭୁବନେଶ୍ୱର–୩୧, ମୂଲ୍ୟ– ୩୦୦ଟଙ୍କା**

ପୁସ୍ତକର ପ୍ରଥମ ଗଳ୍ପ ଅନୁସାରେ ବହିର ନାମକରଣ ହୋଇଛି। ଏଥିରେ ରାଧାନାନୀ ଯିଏକି ଜଣେ କିନ୍ନର ସେ ଚରିତ୍ରକୁ ଖୁବ୍ ସୁନ୍ଦର ଭାବେ ଗାଳ୍ପିକ ବର୍ଣ୍ଣନା କରିଛନ୍ତି । ଅନ୍ୟମାନେ ୧୦ଟଙ୍କା ଲାଗି ଜିଦ୍ ଆଉ ଗାଡି ଆଗରେ ବସି ରହୁଥିବାବେଳେ ରାଧାନାନୀ କିନ୍ତୁ ସେ ଦୃଷ୍ଟିରୁ ବିବେକୀ ଆଉ ସହୃଦୟ। ସେ କେବେବି ଟଙ୍କା ଲାଗି ଯିଦ୍ କରେନି । ଏମିତି ଅନେକ କଥା ରାଧାନାନୀଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ଦେବବ୍ରତଙ୍କ ଗଳ୍ପଗୁଡିକ ଚରିତ୍ର ପ୍ରଧାନ। ବିକଟାଳ ମଣିଷର ତ୍ୟାଗ, ପୁଣି ବଉଳା ଗଳ୍ପରେ ମିନି ସହିତ ଗାଈର ସମ୍ପର୍କ ଭିତରେ ଯେଭଳି ମାନବୀୟ ମୂଲ୍ୟବୋଧ ପ୍ରତିଭାତ ହୋଇଛି, ସେହିପରି ମାୟାନଗରୀର ମାୟା ଲକ୍ଷ୍ମୀ ଆସୁଛି ଗଳ୍ପରେ କାହାଣୀର ଅପ୍ରତ୍ୟାଶିତ ମୋଡ ପାଠକଙ୍କୁ ହତବାକ୍ କରିଦିଏ। ପୁସ୍ତକଟି ପାଠକାଦୃତି ଲାଭ କରିବାର ଆଶା କରାଯାଏ।



ବ୍ୟାକ୍ ପେଜ୍


# ନୀଳ ଆଖିର ଗାଁ

**ନୀ**ଳ ଆଖି ସବୁବେଳେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏଭଳି ରଙ୍ଗର ଆଖି କିନ୍ତୁ ବହୁତ କମ୍ ଜଣଙ୍କର ଥାଏ । ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ବି ଏକ ଗାଁ ଅଛି ଯେଉଁଠି ପ୍ରାୟ ସମସ୍ତଙ୍କ ଆଖି ନୀଳ ରଙ୍ଗର । ବାହାରର ଯିଏ ବି ଏହି ଗାଁକୁ ଆସନ୍ତି ଏଠାକାର ଅଧିବାସୀଙ୍କ ଆଖି ଦେଖି ଚକିତ ହେବାସହ ଭୟ ବି କରନ୍ତି । ଏହି ଆଶ୍ଚର୍ଯ୍ୟକର ଗାଁଟି ଇଣ୍ଡୋନେସିଆର ସୁଲାବେସୀ ପ୍ରାନ୍ତର ବୁଟାଁନ ଦ୍ୱୀପରେ ଅଛି । ଆଉ ନୀଳ ଆଖି ଥିବା ଏହି ଜନଜାତିର ନାଁ ହେଉଛି ବୁଟାଁନ୍



ଜନଜାତି । ଏଠାକାର ଅଧିବାସୀଙ୍କୁ ଦେଖି ଅନେକଙ୍କ ମନରେ ପ୍ରଶ୍ନ ଉଙ୍କିମାରେ ଯେ, ଏଭଳି ସମ୍ଭବ କେମିତି ହେଉଛି ? ଏହା ପଛର କାରଣ କ'ଣ ? ଏକ ରିପୋର୍ଟ ଅନୁଯାୟୀ ଏଠାକାର ଅଧିବାସୀଙ୍କ ଆଖିର ରଙ୍ଗ ପ୍ରାକୃତିକ । ଆଉ ଏହା ଏକ ଦୁର୍ଲଭ ଜେନେଟିକ କଣ୍ଡିସନ୍ ଯୋଗୁ ହୋଇଥାଏ । ଏହି କାରଣରୁ ପ୍ରତି ୪୨୦୦୦ ଜଣରେ ଜଣଙ୍କ ଆଖି ନୀଳ ରଙ୍ଗର ହୋଇଥାଏ । ଏହି ବିରଳ ଜେନେଟିକ ଡିଜଅର୍ଡରର ନାମ ହେଉଛି 'ୱାରଡେନବର୍ଗ ସିଣ୍ଡ୍ରୋମ' । ଏହା ଯୋଗୁ ଶରୀରରେ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ଯେମିତି କି ଶୁଣିବାରେ ସମସ୍ୟା ଓ ପିଗମେଣ୍ଟେସନ୍‌ର ଅଭାବ ଦେଖାଦିଏ । ଏହି ପିଗମେଣ୍ଟେସନ୍‌ର ଅଭାବ ଯୋଗୁ ହିଁ ଆଖିର ରଙ୍ଗ ନୀଳ ଅବା ଧୂସରିଆ ହୋଇଥାଏ । ତା'ସହ ଶରୀରରେ ଧଳାରଙ୍ଗର ଚିହ୍ନ ବି ହୁଏ । ଆଉ ଜେନେଟିକ ମ୍ୟୁଟେସନ୍ ଯୋଗୁ ଗୋଟିଏ ପିଢ଼ିରୁ ଆଉ ଏକ ପିଢ଼ିକୁ ଏହି ଅବସ୍ଥା ଟ୍ରାନ୍ସଫର ହେଉଛି । ତେଣୁ ଆଜି ବି ଏଠାକାର ଅଧିକାଂଶଙ୍କର ଆଖିର ରଙ୍ଗ ନୀଳ ।





# ସବୁଠୁ ଲମ୍ବା କାଠ କାରିଗରି

**କା**ଠରେ ଅନେକ ପ୍ରକାରର ସୁନ୍ଦର କାରିଗରି ଦେଖିଥିବେ । ତେବେ ଏ ହେଉଛି ଏମିତି ଏକ କାଠ କାରିଗରି, ଯାହା ଦେଖିବାକୁ ଏତେ ଚମତ୍କାର ଯେ ତାହା ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଛି । ତେବେ କେବଳ ସୁନ୍ଦର କାରିଗରି ପାଇଁ ନୁହେଁ ବରଂ ସବୁଠୁ ଲମ୍ବା କାଠର କାରିଗରି ଭାବେ ଏହା ରେକର୍ଡ କରିଛି । ଚାଇନାର ପ୍ରସିଦ୍ଧ କାଠ କାରିଗର ଝେଙ୍ଗ ଚୁନହୁଇ ୪୦ ଫୁଟ୍ ଲମ୍ବା ଏକ କାଠରେ ଏହି ସୁନ୍ଦର ସୂକ୍ଷ୍ମ କାରିଗରି କରିଛନ୍ତି । ଯାହା ଏତେ ସୁନ୍ଦର ଯେ, ତାକୁ ଦେଖିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗେ । ଏହି କାଠ ଉପରେ ସେ ଖୋଦେଇ କରି ଡଙ୍ଗା, ଅନେକ ମହଲ, ପୋଲ ସହ ୫୦୦ ଲୋକଙ୍କର କାରିଗରି କରିଛନ୍ତି । କାଠରେ ଖୋଦେଇ କରି କରାଯାଇଥିବା ଏହି ଦୃଶ୍ୟ ହେଉଛି ଚାଇନାର ଏକ ହଜାର ବର୍ଷ ପୁରାତନ ପ୍ରସିଦ୍ଧ ପେଣ୍ଟିଂ 'ଆଲଙ୍ଗ ଦ ରିଭର୍ ଡ୍ୟୁରିଂ ଦ କ୍ୟୁନମିଂ ଫେଷ୍ଟିଭାଲ'ର ନକଲ । ଯେଉଁ ପେଣ୍ଟିଂକୁ କି ଚାଇନାର ମୋନାଲିସା ବୋଲି କୁହାଯାଏ । କାଠର ଏହି କାରିଗରି ପ୍ରାଚୀନ ଚାଇନାର ସଂସ୍କୃତିକୁ ବି ଦର୍ଶାଏ । ଉକ୍ତ କାଠ କାରିଗରିର ଲମ୍ବ ୪୦ ଫୁଟ ୩.୭୦୧ ଇଞ୍ଚ ହୋଇଥିବାବେଳେ ଓସାର ୭ ଫୁଟ ୧୦.୫୨୮ ଇଞ୍ଚ ଏବଂ ଉଚ୍ଚତା ୧୦ ଫୁଟ ୧.୦୬୩ ଇଞ୍ଚ ।

# ହ୍ୱିଲ ଚେୟାରରେ ପୃଥିବୀ ଭ୍ରମଣ

**ପୃ**ଥିବୀ ଭ୍ରମଣ କରିବାର ଇଚ୍ଛା କାହାର ବା ନ ଥାଏ । ହେଲେ ଏ ଇଚ୍ଛା ସମସ୍ତଙ୍କର ପୂରଣ ହୋଇପାରେନା । କେବେ ଅର୍ଥ ବାଧକ ସାଜେ ତ କେବେ ସମୟର ଅଭାବ, ପୁଣି ଆଉ କେବେ ମନୋବଳ ଦୃଢ଼ ନ ଥିବାରୁ ପୃଥିବୀ ଭ୍ରମଣର ସ୍ୱପ୍ନ ପୂରଣ ହୋଇପାରେନା । ହେଲେ ହ୍ୱିଲ ଚେୟାରରେ ଜୀବନ ବିତଉଥିବା ବିହାର, ଗୟାର ହସନ ଇମାମ ନାମକ ଜଣେ ବ୍ୟକ୍ତି କିନ୍ତୁ ନିଜ ପୃଥିବୀ ଭ୍ରମଣ କରିବାର ସ୍ୱପ୍ନକୁ ନିଜ ଅକ୍ଷମତା ପାଇଁ ମଉଳିବାକୁ ଦେଇ ନ ଥିଲେ । ସେଇ ହ୍ୱିଲ ଚେୟାରରେ ହିଁ ବସି ବସି ସେ ପୃଥିବୀ ଭ୍ରମଣ କରିବାକୁ ବାହାରିଥିଲେ । ଆଉ ଦୃଢ଼ମନୋବଳ ଯୋଗୁ ସେ ୧୪ଟି ଦେଶ ଭ୍ରମଣ କରି ସାରିଲେଣି । ଏଥିପାଇଁ ସେ କାହାରି ସାହାଯ୍ୟ ମଧ୍ୟ ଲୋଡ଼ି ନାହାନ୍ତି । ହସନ ଇମାମ ଦିଲ୍ଲୀର ଜୱାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସେ ପଢ଼ିଛନ୍ତି । ସେ ହେଉଛନ୍ତି ଭାରତର ପ୍ରଥମ ଭିନ୍ନକ୍ଷମ ସୋଲୋ ଟ୍ରାଭେଲର୍ ।

